୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.89 Bhubaneswar Tuesday May 14 2024 ୨୬ତମ ବର୍ଷ ସଂଖ୍ୟା-୮୯ ଭୁବନେଶ୍ୱର, ମଙ୍ଗଳବାର, ମଇ ୧୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ବିଜେଡିର ଟଙ୍କା ବାଂଟିବା ଅଭିଯୋଗକୁ ସତ ପ୍ରମାଣିତ କଲେ ଦଳୀୟ ନେତ୍ରୀ: ପୁଳାପୁଳା ଟଙ୍କା ସହ ଧରାପଡିଲେ




ଭୁବନେଶ୍ୱର,୧୩।୫(ପି.ଏନ): ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲା ଉଲ୍ଲଘଂନ କରି ବିଜେଡିର ଜଣେ ନେତ୍ରୀ ପୁଳାପୁଳା ଟଙ୍କା ସହ ଧରାପଡିଛନ୍ତି । ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବିଜେଡି ବିପୁଳ ପରିମାଣର ଟଙ୍କା ବାଂଟୁଛି ବୋଲି ବିଜେପି କରୁଥିବା ଅଭିଯୋଗକୁ ଦଳୀୟ ନେତ୍ରୀ ସତ ପ୍ରମାଣିତ କରିଛନ୍ତି । ତାଙ୍କ ଗାଡିରୁ ପ୍ରାୟ ୧୩ଲକ୍ଷ ଟଙ୍କା ଜବତ ହୋଇଥିବା ଜଣାପଡିଛି । ନିର୍ବାଚନ ଦାୟିତ୍ୱରେ ଥିବା ଫ୍ଲାଇଂ ସ୍କ୍ୱାର୍ଡ ଟିମ୍ ବିଜେଡି ପ୍ୟାନେଲିଷ୍ଟ ଅପୂର୍ବା ଅପରୂପାଙ୍କ ସମେତ ଅନ୍ୟ ଜଣେ ଯୁବତୀ ଓ ଗାଡିଚାଳକକୁ ଅଟକ ରଖିଥିବାର ସୂଚନା ମିଳିଛି । ପ୍ରତ୍ୟେକ ନିର୍ବାଚନରେ ବିଜେଡି ବିରୁଦ୍ଧରେ ଟଙ୍କା ବାଂଟିବାର ଅଭିଯୋଗ ଆସୁଥିଲେ ମଧ କେବେ ଦଳର ନେତା କିମ୍ବା ନେତ୍ରୀଙ୍କଠୁ ନଗଦ ଟଙ୍କା ଜବତ କରିବାରେ ପୁଲିସ ସକ୍ଷମ ହୋଇନଥିଲା । ସୂଚନା ଅନୁସାରେ, ରାଜ୍ୟର ୬ଟି ଜିଲ୍ଲାରେ ଦଳର ଛାତ୍ର ୟୁନିଟକୁ ଏକଜୁଟ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ କରାଇବା ନିମନ୍ତେ ବିଜେଡି ନେତ୍ରୀ ଅପୂର୍ବାଙ୍କୁ ଦାୟିତ୍ୱ ମିଳିଛି । ଗତକାଲି କଂଟାମାଳ ନିର୍ବାଚନମଣ୍ଡଳୀରେ ହୋଇଥିବା ଯୁବ-ଛାତ୍ର ସମାବେଶରେ ଯୋଗ ଦେଇ ଅପୂର୍ବା ଆଜି ଭୁବନେଶ୍ୱର ଫେରୁଥିବାବେଳେ ପୁରୁଣାକଟକ ଥାନା ଅନ୍ତର୍ଗତ କରଡାକୋଠାରେ ଚାଲିଥିବା ଚେକିଂରେ ତାଙ୍କ ଗାଡି ଫସିଯାଇଥିଲା । ଅପୂର୍ବାଙ୍କ ଯେଉଁ ଗାଡିରୁ ଟଙ୍କା ଜବତ ହୋଇଛି ସେହି ଗାଡିର ନମ୍ବର 'ଓଡି୦୨ବିଏମ ୧୫୧୭' ଓ ଏହି ଗାଡିଟି ଅରୂପ ଦାଶଙ୍କ ନାଁରେ ରେକର୍ଡଭୁକ୍ତ ହୋଇଛି । ଫ୍ଲାଇଂ ସ୍କ୍ୱାର୍ଡ ଟିମ୍ ପକ୍ଷରୁ ତାଙ୍କ ଗାଡିକୁ ଯାଂଚ କରି ପ୍ରାୟ ୧୦ରୁ ୧୩ଲକ୍ଷ ଟଙ୍କା ଜବତ କରିଛନ୍ତି । ଏତେ ଟଙ୍କା କେଉଁଠୁ ଆସିଲା ତା'ର ହିସାବ ଓ ସନ୍ତୋଷଜନକ ଉତ୍ତର ଅପୂର୍ବା ଦେବାରେ ସକ୍ଷମ ନହେବାରୁ ତାଙ୍କୁ ଅଟକ ରଖାଯାଇଥିବା କୁହାଯାଉଛି । ତେବେ ଅପୂର୍ବାଙ୍କୁ ଖସାଇବା ପାଇଁ ବିଜେଡିର ଏକ ପ୍ରଭାବଶାଳୀ ଗୋଷ୍ଠୀ ଉଦ୍ୟମ ଆରମ୍ଭ କରିବା ସହ ଥାନାକୁ ଯାଇ କଥାବର୍ତ୍ତା କରୁଥିବା ସୂଚନା ମିଳିଛି । ଅବଶ୍ୟ ଏହି ଟଙ୍କା ଜବତ ନେଇ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇନାହିଁ ।

## ଭୋଟ୍ ଲଢେଇ ଆରମ୍ଭରୁ ହଙ୍ଗାମା



ଭୁବନେଶ୍ୱର,୧୩।୫(ପି.ଏନ): ରାଜ୍ୟରେ ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଲୋକସଭା ଆସନ ଏବଂ ଏହିସବୁ ଆସନ ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଛି । ତେବେ ଆଜି ମତଦାନ ସମୟରେ କିଛି ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳିଛି । ଗଞ୍ଜାମର ଚିକିଟି, ବ୍ରହ୍ମପୁର ଓ ଗୋପାଳପୁର ଏବଂ ନବରଙ୍ଗପୁରର ଝରିଗାଁର ବିଭିନ୍ନ ବୁଥରେ ମୁହାଁମୁହିଁ ହୋଇ ଏବଂ ହାତାହାତି ହୋଇଛନ୍ତି ବିଜେଡି ଓ ବିଜେପି କର୍ମୀ । ଏଥିରେ କିଛି ଜଣ ଆହତ ହୋଇଥିବା ବେଳେ, ସ୍ଥିତି ନିୟନ୍ତ୍ରଣ ପାଇଁ କିଛି ସ୍ଥାନରେ ପୁଲିସକୁ ମୃଦୁ ଲାଠିଚାଳନା କରିବାକୁ ପଡିଛି । ଗଞ୍ଜାମ ଜିଲ୍ଲାର ଚିକିଟି କଳାବାଡ ପଞ୍ଚାୟତର ୧୪୬ ନମ୍ବର ବୁଥରେ ସକାଳୁ ସକାଳୁ ଉତ୍ତେଜନା ଦେଖା ଦେଇଥିଲା । ବିଜେପି ଏଜେଣ୍ଟଙ୍କୁ ବୁଥ୍‌ରେ ପୂରାଇ ନଦେବା ଅଭିଯୋଗରେ ଉପୁଜିଥିଲା ଗଣ୍ଡଗୋଳ । ପରେ ତଦନ୍ତ ପାଇଁ ସେଠାରେ ପହଞ୍ଚିଥିଲେ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ଟିମ୍ । ପାତ୍ରପୁର ବ୍ଲକ ପଦାଦିଗି ଓ କନିରିଡାରେ ବିଜେପି ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ । କେ.ନୂଆଗାଁର ୫୪ ନମ୍ବର ବୁଥରେ ନିର୍ଦ୍ଦିଷ୍ଟ ଦଳ ପାଇଁ ଭୋଟରଙ୍କୁ ପ୍ରଭାବିତ କରିବା ଅଭିଯୋଗରେ ପୁଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ବିଜେଡିର ୨ କର୍ମୀଙ୍କ ଉପରେ ଆକ୍ରମଣ ହୋଇଥିବା ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କରିଛି ଦଳ । ବିଜେପିର ଚିକିଟି ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଏହି ହିଂସାକାଣ୍ଡ ଘଟାଇଥିବା ବିଜେଡି ଅଭିଯୋଗ କରିଥିବା ବେଳେ ଏହାକୁ ମିଛ ବୋଲି କହିଛନ୍ତି ମନୋରଞ୍ଜନ । ଏଥିସହ ୧୩ରୁ ୧୪ଟି ବୁଥରେ ବିଜେପି ଏଜେଣ୍ଟଙ୍କୁ ବିଜେଡି କର୍ମୀ ପିଟିଥିଲେ ବି ସେମାନଙ୍କ ବିରୋଧରେ କୌଣସି ଆକ୍ସନ ହେଉନି ବୋଲି ସେ ଅଭିଯୋଗ କରିଛନ୍ତି ।

## ମାଗଣା ବିଜୁଳି ପାଇବେ କେତେ ଲୋକ ?

ଭୁବନେଶ୍ୱର,୧୩।୫(ପି.ଏନ): ବିଜୁ ଜନତା ଦଳ ବା ବିଜେଡି ପୁଣି ଥରେ କ୍ଷମତାକୁ ଫେରିଲେ ମାସିକ ୧୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଖର୍ଚ୍ଚ କରୁଥିବା ଘରୋଇ ଗ୍ରାହକଙ୍କୁ ମାଗଣା ବିଜୁଳି ଦେବ ବୋଲି ତାର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି । ୧୦୦ରୁ ୧୫୦ ୟୁନିଟ ପର୍ଯ୍ୟନ୍ତ ବିଲରୁ ଅଧା ଛାଡ ହେବ । ଖର୍ଚ୍ଚ ୧୫୦ ୟୁନିଟରୁ ଅଧିକ ହେଲେ ଗ୍ରାହକଙ୍କୁ କୌଣସି ରିହାତି ମଳିବ ନାହିଁ । ସମ୍ପୂର୍ଣ୍ଣ ବିଲ୍ ଦେବାକୁ ପଡିବ । ଦିଲ୍ଲୀରେ ବହୁ ପୂର୍ବରୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣା ଥିବାବେଳେ ୨୦୦ରୁ ୪୦୦ ୟୁନିଟ ପର୍ଯ୍ୟନ୍ତ ଅଧା ବିଲ ନିଆଯାଉଛି । ତେବେ ୪୦୦ ୟୁନିଟ ଟପିଲେ କିଛି ରିହାତି ମିଳୁନାହିଁ । ଏବେ ସୋଲାର ପାନେଲ ଲଗାଇଲେ ୪୦୦ ୟୁନିଟ ଟପିଲେ ବି କିଛି ବିଲ୍ ନିଆଯିବ ନାହିଁ ବୋଲି ଦିଲ୍ଲୀ ସରକାର ଘୋଷଣା କରିଛନ୍ତି । ଓଡିଶା ଏକମାତ୍ର ରାଜ୍ୟ ଯେ କୌଣସି ବାଟେ ଏପର୍ଯ୍ୟନ୍ତ ଗ୍ରାହକଙ୍କୁ ରିହାତି ଦେଉନଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି । ଓଡିଶାରେ ପ୍ରାୟ ୧ କୋଟି ଘରୋଇ ଗ୍ରାହକଙ୍କ ସହ ପ୍ରାୟ ୨ ଲକ୍ଷ ଚାଷୀଙ୍କୁ ମାଗଣା ବିଜୁଳି ଦେଲେ ଓଡିଶା ସରକାରଙ୍କୁ ଏଥିପାଇଁ ବର୍ଷକୁ ଅତିବେଶୀରେ ୫ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି କୁହାଯାଉଛି । ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି- ଅତିବେଶୀରେ ଏଥିପାଇଁ ରାଜ୍ୟ ସରକାରଙ୍କୁ ସବସିଡି ବାବଦରେ ବର୍ଷକୁ ୪,୨୦୦ କୋଟି ଭିତରେ ଖର୍ଚ୍ଚ କରିବାକୁ ପଡିବ । ମାତ୍ର ଶୀତ ଦିନ ବ୍ୟତୀତ ଅନ୍ୟଦିନେ ଅଧିକାଂଶ ଗ୍ରାହକଙ୍କ ବିଲ ୧୫୦ ୟୁନିଟ୍ ଉପରକୁ ଚାଲିଯିବ ସେମାନେ କୌଣସି ରିହାତି ପାଇବେ ନାହିଁ । ମୋ ହିସାବରେ ଅତି ବେଶିରେ ୭୫% ଲୋକ ଏହାର ସୁବିଧା ପାଇବେ । ମାତ୍ର ଅନେକ ରାଜ୍ୟ ବିଦ୍ୟୁତ୍ ଗ୍ରାହକଙ୍କୁ ସବସିଡି ଦେଉଥିବାବେଳେ ଓଡିଶା ଦେଉନଥିଲା । ଏହା ଖୁବ ବିଳମ୍ବ ହୋଇଛି ।

### ଗିରଫ ହେବେ ଅନୁଭବ ମହାନ୍ତି !

ଭୁବନେଶ୍ୱର,୧୩।୫(ପି.ଏନ): ଲୋକପ୍ରିୟ ଓଲିଉଡ ଅଭିନେତା ଅନୁଭବ ମହାନ୍ତି ଗିରଫ ହୋଇପାରନ୍ତି । ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିଯୋଗ ଆଧାରରେ କଟକ ଜେଏମ୍ଏଫସି (ଗଚ, ଗଖଇ) କୋର୍ଟ ପକ୍ଷରୁ ଘଇଡ ଜାରି କରାଯାଇଛି । ପୁରୀଘାଟ ଥାନାରେ ରୁଜୁ ହୋଇଥିବା ମାମଲାରେ ଅନୁଭବଙ୍କ ବିରୋଧରେ ଜାରି ହେଲା ଘଇଡ । ଚାର୍ଜଫ୍ରେମ୍ ପାଇଁ ହାଜର ନ ହୋଇ ବାରମ୍ବାର ସମୟ ମାଗୁଥିଲେ । ତେଣୁ ଚାର୍ଜଫ୍ରେମ୍ ପାଇଁ ହାଜର ନ ହେବାରୁ ଘଇଡ ଜାରି କଲେ କୋର୍ଟ । ଏନେଇ ଆସନ୍ତା ୨୩ ତାରିଖ ସୁଦ୍ଧା ୱାରେଣ୍ଟ କାର୍ଯ୍ୟକାରୀ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ସରକାରୀ ଓକିଲ ଆଫ୍‌ରୋଜ୍ ଅହମ୍ମଦ ସୂଚନା ଦେଇଛନ୍ତି ।

## ବାରାଣସୀରେ ମୋଦି ଓ ଯୋଗୀଙ୍କ ବିଶାଳ ରୋଡ ଶୋ', କାଲି ନାମାଙ୍କନ



ଭୁବନେଶ୍ୱର,୧୩।୫(ପି.ଏନ): ଆସନ୍ତାକାଲି ବାରାଣସୀ ଲୋକସଭା ଆସନ ପାଇଁ ନାମାଙ୍କନ ଦାଖଲ କରିବେ ପ୍ରଧାନମନ୍ତ୍ରୀ ମୋଦି । ଦିନ ୧୧.୩୦ରେ ସେ ନାମାଙ୍କନ ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି । ଏହାପୂର୍ବରୁ ସେ ପୂଜାର୍ଚ୍ଚନା କରିବା ସହ ନିଜ କାର୍ଯ୍ୟକର୍ତ୍ତାଙ୍କୁ ଭେଟିବେ । ଆସନ୍ତାକାଲିର ନାମାଙ୍କନ ପୂର୍ବରୁ ଆଜି ନିଜ ନିର୍ବାଚନ ମଣ୍ଡଳୀର ବାରାଣସୀରେ ମୋଦି ବିଶାଳ ରୋଡ ଶୋ' କରିଛନ୍ତି । ରୋଡ ଶୋ' ପୂର୍ବରୁ ସେ ପ୍ରଥମେ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲା । ଏହାପରେ ରୋଡ ଶୋ'ରେ ବାହାରି ଥିଲେ ।

## କ୍ୟାମେରାରେ ଧରାପଡିଲେ, ଦୁଇ ପ୍ରିଜାଇଡିଂ ଅଫିସରଙ୍କୁ ଗିରଫ କରିବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୫(ପି.ଏନ): ରାଜ୍ୟରେ ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେଉଥିବା ବେଳେ ଡ୍ୟୁଟିରେ ଗୁରୁତର ଅବହେଳା ପାଇଁ ୨ ଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବା ସହିତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ । ଏକ ସାମ୍ବାଦିକ ସମ୍ମିଳନୀରେ ନିଜେ ଶ୍ରୀ ଧଳ ଏହି ସୂଚନା ଦେଇଛନ୍ତି । ଛତ୍ରପୁରର ୨୭ ଓ ୧୬୩ ନମ୍ବର ବୁଥର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବା ସହିତ ଗିରଫ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ।

## ସକାଳ ୧୧ଟା ସୁଦ୍ଧା ୨୩.୨୮ ପ୍ରତିଶତ ମତଦାନ: ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟର ଉତ୍ସାହିତ



ଭୁବନେଶ୍ୱର,୧୩।୫(ପି.ଏନ): ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ୪ଟି ସଂସଦୀୟ କ୍ଷେତ୍ରରେ ଉତ୍ସାହର ସହ ମତଦାନ ପ୍ରକ୍ରିୟା ଚାଲି ଥିବାର ଦେଖିବାକୁ ମିଳିଛି । ଏହି ନିର୍ବାଚନ ପ୍ରକ୍ରିୟା ସକାଳ ୬ ରୁ ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟା ୬ଟାରେ ଶେଷ ହେବ । ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁସାରେ, ଓଡିଶାରେ ଆଜି ଦିନ ୧୧ ଟି ସୁଦ୍ଧା ୨୩.୨୮ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । ନୂଆପଡାରେ ସର୍ବାଧିକ ୨୬.୮୦ ପ୍ରତିଶତ ମତଦାନ ହୋଇଥିବା ବେଳେ ଗଞ୍ଜାମରେ ସର୍ବନିମ୍ନ ୧୭.୭୪ ପ୍ରତିଶତ ମତଦାନ ହୋଇଛି । ସେହିପରି ରାୟଗଡାରେ ୨୧.୮୧ ପ୍ରତିଶତ, କୋରାପୁଟରେ ୨୬.୬୧ ପ୍ରତିଶତ, ନବରଙ୍ଗପୁରରେ ୨୪.୯୬ ପ୍ରତିଶତ, ଗଜପତିରେ ୨୨.୦୨ ପ୍ରତିଶତ, କଳାହାଣ୍ଡିରେ ୨୪.୯୬ ପ୍ରତିଶତ ଓ ମାଲକାନଗିରିରେ ୨୨.୯୬ ପ୍ରତିଶତ ମତଦାନ ଦିନ୧୧ଟା ସୁଦ୍ଧା ହୋଇସାରିଛି । ମତଦାନର ସମୟ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଥିବାରୁ ଆହୁରି ମତଦାନ ବଢିବା ନେଇ ଆଲୋଚନା ହେଉଛି । ଏବେ ଅତ୍ୟଧିକ ଗରମ ଯୋଗୁଁ ଲମ୍ବା ଧାଡିରେ ଛିଡା ହେଉଥିବା ବରିଷ୍ଠ ନାଗରିକ ଓ ସାଧାରଣ ଲୋକ ଛିଡା ନହେଇ ପାରୁଥିବାରୁ କିଛି ପରିମାଣରେ ମତଦାନ କମିଯାଇଛି । ନିର୍ବାଚନ କିପରି ଶାନ୍ତି ଶୃଙ୍ଖଳାର ସହ ଶେଷ ହେବ ସେ ନେଇ ସବୁ ବୁଥରେ କଡା ସୁରକ୍ଷା ସହ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

## ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ଯୋଗୁଁ ଆଗୁଆ ଆସିପାରେ ମୌସୁମୀ ! ମେ' ୨୨ ପରେ ଛୁଇଁବ ଆଣ୍ଡାମାନ

ଭୁବନେଶ୍ୱର,୧୩।୫(ପି.ଏନ): ତାତିରୁ ମିଳିବ ମୁକ୍ତି । ଏଥର ଆଗୁଆ ଆସିବାକୁ ଯାଉଛି ମୌସୁମୀ । ସୂଚନା ମୁତାବକ, ଆସନ୍ତା ୨୧ ତାରିଖ ବେଳକୁ ପୋର୍ଟବ୍ଲେୟାର ନିକଟ ଦକ୍ଷିଣ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ଏହା ଫଳରେ ୨୩ ତାରିଖରେ ମୌସୁମୀ ଉତ୍ତର ଆଣ୍ଡାମାନ ଛୁଇଁପାରେ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି । ସେ କହିଛନ୍ତି ଯେ ସ୍ୱାଭାବିକ ଭାବେ ମେ' ୨୨ ତାରିଖରେ ମୌସୁମୀ ଆଣ୍ଡାମାନ ଛୁଇଁଥାଏ । ମାତ୍ର ଏହି ଘୂର୍ଣ୍ଣିବଳୟ ଯୋଗୁଁ ୨୨ରେ ଯଦିବା ଆଣ୍ଡାମାନରେ କିଛି ବର୍ଷା ହେବ, କିନ୍ତୁ ବର୍ଷାର ପରିମାଣ ଓ ପବନର ବେଗରୁ ଜଣାପଡୁଛି ଯେ ମୌସୁମୀ ୨୨ ପରେ ଆଣ୍ଡାମାନ ଛୁଇଁବ । ସେ କହିଛନ୍ତି ଯେ ଗତ କିଛି ଦିନ ହେବ ଦକ୍ଷିଣ ଗୋଲାର୍ଦ୍ଧରୁ ବିଷୁବରେଖା ଅତିକ୍ରମ କରି ଦକ୍ଷିଣ ଆଫ୍ରିକା ସଂଲଗ୍ନ ଆରବସାଗରରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବାହିତ ହେଉଥିଲା । ବିଷୁବ ରେଖା ଅତିକ୍ରମ ସ୍ଥାନ କ୍ରମଶଃ ପୂର୍ବ ଆଡ଼କୁ ଆସୁଛି ଏବଂ ଏହା ସପ୍ତାହେ ପରେ ବଙ୍ଗୋପସାଗରକୁ ମଧ କିଛି ଆସିବ ବୋଲି ଆକଳନ କରାଯାଉଛି । ତେବେ ଏହି ଏହି ଘୂର୍ଣ୍ଣିବଳୟ ପରବର୍ତ୍ତୀ ସମୟରେ ଘନୀଭୂତ ହେବା ଦ୍ୱାରା ଥାଇଲାଣ୍ଡ, ମିଆଁମାର, ବଙ୍ଗଳାଦେଶ, ଉତ୍ତର-ପୂର୍ବ ଭାରତ ସହିତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରରେ ମଧ ଭାରୀ ବର୍ଷା ହୋଇପାରେ । ତେବେ ଓଡ଼ିଶାରେ ଏହାର କ'ଣ ପ୍ରଭାବ ରହିବ ଆସନ୍ତା ୧୯ ପରେ ହିଁ କହିହେବ ବୋଲି ପ୍ରଫେସର ପଶୁପାଳକ ସ୍ପଷ୍ଟ କରିଛନ୍ତି । ବର୍ତ୍ତମାନ ଯେହେତୁ ପ୍ରାକ୍ ମୌସୁମୀ ବାତ୍ୟା ସମୟ ଜାରି ରହିଛି, ତେଣୁ ଏହି ଘୂର୍ଣ୍ଣିବଳୟ ଉପରେ ସଭିଙ୍କ ନଜର ରହିଛି । ଯଦିବା ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଘୂର୍ଣ୍ଣିବଳୟର ପ୍ରଭାବ କଣ ରହିବା ତାହା ସ୍ପଷ୍ଟ ହୋଇନାହିଁ ହେଲେ ଆଇଏମଡିର ବିସ୍ତାରିତ ପରିସର ଆକଳନରେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ ଓ ପରବର୍ତ୍ତୀ ସମୟରେ ଏହା ଘନୀଭୂତ ହୋଇ ଅବପାତର ରୂପ ନେବା ନେଇ ଆକଳନ କରାଯାଉଛି ।

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

16th nirf | A++ Grade Accredited by NAAC | Tier 1 NBA | THE World University Rankings 2023 301-400 401-500 Computer Science/Engineering 601-800 University Ranking | ABET | IET

KIITEE 2024 PHASE-2
Apply Now
through KIIT Websites www.kiitee.ac.in/www.kiit.ac.in | No Examination Fee (Computer-Based Online Test)

B.Tech (4 Years) in following branches of Engineering :
- Civil, Electrical, Mechanical, Electronics & Telecommunication, Electronics & Computer Science, Electronics and Electrical, Aerospace, Mechatronics, Mechanical (Automobile), Chemical, Computer Science, Information Technology, Computer Science and System, Computer Science and Communication
- Electrical & Computer Engineering; Construction Technology; Electronics Engineering (Spl - VLSI Design and Technology); Computer Science & Engineering (Spl - Artificial Intelligence and Machine Learning | Artificial Intelligence | Cyber Security | Data Science | Internet of Things and Cyber Security Including Block Chain Technology | Internet of Things)

ACADEMIC PROGRAMMES AVAILABLE

Bachelor's Programmes
- B. Design (Automobile/Graphic/Product) (4 Years)
- B.Tech & M.Tech Biotechnology (5 years)
- B. Arch. (5 years)
- B. Tech. ( Lateral Entry) (3 years)
- BCA (3 years)
- BBA (3 years)
- Bachelor of Design (Fashion / Textile) (4 years)
- Bachelor of Film & Television Production (3 years)
- BBA in Hospitality and Tourism (4 years)
- BA.LL.B / BBA LL.B / B.Sc. LL.B (5 years)
- Bachelor of Communication & Journalism (3 years)
- BA in Economics (Hons)(4 years)
- BA in Sociology (Hons)(4 years)
- BA in English (Hons)(4 years)
- B.A. in Psychology (Hons)(4 years)
- B.Com (Hons) (4 years)
- B.Sc. Computer Science (4 years)
- B.Sc. Nursing (4 years)
- B.Pharma (4 years)
- D.Pharma (2 Years)

Master's Programmes
- M.Tech. (2 years)
- LLM (1 year)
- MCA (2 years)
- M.Sc Biotechnology (2 years)
- M.Sc. Applied Microbiology (2 years)
- M. Arch (2 years)
- Int. M.Tech & Ph.D (5 years)
- Master of Communication & Journalism (2 years)
- Master in Yoga and Naturopathy (2 years)
- Master of Hospital Administration (2 years)
- Master of Public Health (2 years)
- MBA (2 years)
- MBA in Business Analytics (2 years)
- MBA in Operations & Supply Chain Management (2 years)
- MBA in Rural Management (2 years)
- Master of Library & Information Sciences (M.Lib.I.Sc) (2 Years)
- Master of Physical Education and Sports (MPES) (2 Years)
- MBA in Agribusiness Management (2 years)
- M. Design (Interior Design)(2 Years)
- M.Sc. Computer Science (2 years)
- MA in Economics (2 years)
- MA in Sociology (2 years)
- MA in English (2 years)
- MA in Psychology (2 years)
- MA in Public Policy (2 years)
- M.Com (2 years)
- M.Sc. in Physics / Chemistry / Mathematics with Data Science (2 years)
- M.Sc. Nursing (2 years)
- Ph.D

CAMPUS PLACEMENT 2023 HIGHLIGHTS
750+ Companies
6200+ Job Offers
₹63 LPA Highest Salary Offered
₹8.20 LPA Average CTC
2000+ Paid Internships

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India.
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଟର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ମଇ ୧୪**

# ଛଡ଼ା ଫୁଲ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଦେବ ଶ୍ରୀଅଙ୍ଗଲାଗି ଫୁଲ, ତୁଳସୀ, ବେଲପତ୍ର କିଛି ସମୟ ପରେ ବା ଦିନ ଅବସ୍ଥାନ ପରେ କାଢ଼ି ଦିଆଯାଏ ବା ଏକ ସେବା ପରେ ଅନ୍ୟ ସେବା ବେଳକୁ କାଢ଼ି ଦିଆଯାଏ। ଏମିତିକି ଅନେକ ଠାକୁରାଣୀଙ୍କ ସେବାକୁ କେହି ଭକ୍ତ ଶାଢ଼ୀ ପ୍ରଦାନ କରିଥିବେ ତାହାକୁ ପିନ୍ଧାଇ ଠାକୁରାଣୀଙ୍କ ସୁନ୍ଦର ରୂପେ ସଜାଇ ସୁଦୃଶ୍ୟ କରାଯାଇଥାଏ ପରବର୍ତ୍ତୀ କାଳରେ ଆଉ ଜଣେ ଭକ୍ତ ଏପରି ଶାଢ଼ୀ ଚଢ଼ାଇବା ପାଇଁ ଆସିଲେ ପୂର୍ବ ଶାଢ଼ୀଟିକୁ ଓହ୍ଲାଇ ପୁନଃ ନୂତନ ଶାଢ଼ୀ ପିନ୍ଧାଇ ଦିଆଯାଏ। ଏପରି ଏବେ ମନ୍ଦିର ପରିସରରେ ଭୋଗ ଦୋକାନ ଖୋଲିଛି। ଲୋକ ଭୋଗ ପାଇଁ ସେଠାରୁ ବିଭିନ୍ନ ମିଠା ଦ୍ରବ୍ୟ କିଣି ପାତ୍ରରେ ଭୋଗ ଚଢ଼ାଇବାକୁ ଆଣନ୍ତି। ଏ ଭୋଗ ସମର୍ପଣ ପରେ ଭୋଗକୁ ଚଢ଼ାଇବା ଉଦ୍ଦେଶ୍ୟ ଆଣିଥିବା ବ୍ୟକ୍ତିଙ୍କୁ ଫେରସ୍ତ ଦିଆଯାଉଛି। ଶ୍ରୀମନ୍ଦିରରେ ମହାପ୍ରସାଦ ଲାଗି ଗଲାପରେ ମହାପ୍ରସାଦ ଗୁଡ଼ିକ ଭକ୍ତଙ୍କୁ ପ୍ରସାଦ ଭୋଜନ ପାଇଁ ମହାପ୍ରସାଦ ଖଳାକୁ ଆସୁଛି। ଏଥିରୁ କିଛି ବଳକା ଅନ୍ନ ପ୍ରସାଦ ଶୁଷ୍କ କରି ନିର୍ମାଲ୍ୟ କରି ଦୋକାନରେ ବିକ୍ରୟ କରାଯାଉଛି। ଠାକୁରଙ୍କ ଶ୍ରୀଅଙ୍ଗ ଲାଗି ବସ୍ତ୍ର ଟୁକୁଡ଼ା ପୁଷ୍ପଗୁଚ୍ଛ ବି ଭକ୍ତଙ୍କ ପାଇଁ ଆଶୀର୍ବାଦର ବସ୍ତୁ ବୋଲି ମନ୍ଦିର ତରଫରୁ ଦକ୍ଷିଣା ପ୍ରାପ୍ତ ବେଳେ ଅର୍ପଣ କରାଯାଉଛି। ଏପରି ତୁଳସୀ ଫୁଲ, ବେଲପତ୍ର ଆଦି ଦର୍ଶନାର୍ଥୀ ଭକ୍ତଙ୍କୁ ବିଭିନ୍ନ ମନ୍ଦିରରେ ଦିଆଯାଉଛି ଏସବୁ ଛଡ଼ା ଶ୍ରୀଅଙ୍ଗଲଗା ଦ୍ରବ୍ୟ।

ଯେ କୌଣସି ଫୁଲଗଛରେ ଫୁଲ ଫୁଟିଲେ ଯଦି ଏହା କାହାରି ଦ୍ୱାରା ତୋଳା ହୋଇ ଦେବ ସେବାକୁ ନଗଲା ତେବେ ନିଶ୍ଚେ ପ୍ରସ୍ଫୁଟିତ ହୋଇ ବୃନ୍ତଚ୍ୟୁତ ମନକୁ କିଛି ଦିନ ପରେ ବା କିଛି ସମୟ ପରେ ହୋଇଯାଏ। ପୁଷ୍ପଟିକୁ ପବନ ସୂର୍ଯ୍ୟକିରଣ ନିଶ୍ଚେ ଭୋଗ କରିଥାନ୍ତି। ଏମାନେ ଜୀବନ୍ତ ଦେବତା ରୂପେ ଚିହ୍ନଟ। ପୁଷ୍ପଟି ବୃକ୍ଷରେ ଫୁଟିଲେ ବି ବୃକ୍ଷଟି ପୃଥିବୀର ମାଟିରୁ ଉଠିଛି କେହି ଜଳ ଦେଉ ବା ଆକାଶର ବର୍ଷା। ପାଣି ଗଛ ମୂଳରେ ନପଡ଼ିଲେ ଗଛ ବଢ଼ିନପାରେ ଅତଏବ ଜଳ ଦେବତା ଓ ପୃଥିବୀ ମା ଏହାର ବୃନ୍ତଚ୍ୟୁତ ପରେ ବି ଉପଭୋକ୍ତା ହେଉଛନ୍ତି। ଅତଏବ ଫୁଲ ସର୍ବଦା ଦେବତା ଉଦ୍ଦେଶ୍ୟରେ ଫୁଟୁଛି। ଫୁଲରେ ବସି ମହୁମାଛି ତାର ଶୁଣ୍ଢରେ ମଧୁ ସଂଗ୍ରହ କରି ତାର ଗଢ଼ିଥିବା ମଧୁଚକ୍ର ବା ଫେଣାରେ ସଞ୍ଚୟ କରିଥାଏ। ଏହି ମହୁ ବି ପଞ୍ଚାମୃତର ଓ ମଧୁପର୍କର ଅଂଶକୁ ମହୁ ଏକ ବିଶେଷ ଔଷଧୀୟ ଦ୍ରବ୍ୟ। ପଦ୍ମଫୁଲରୁ ମଧୁ ମକ୍ଷିକାର ମଧୁ ପଦ୍ମମଧୁ ଯେ ଚକ୍ଷୁରୋଗ ଅବର୍ଥ ଔଷଧ। ଏପରି ଫୁଲ ପତ୍ର ମଧ୍ୟ ବିଶେଷ ଔଷଧରେ ଆସୁଛି। ଗୋଲାପ ଫୁଲରୁ ରୋଜୱାଟର ରୋଜ ସରବତ ପ୍ରସ୍ତୁତ ହେଉଛି। ଗୋଲାପ ପାପଡ଼ି ଶୁଷ୍କ ହେଲେ ବି ବହୁ ଔଷଧରେ ଲାଗୁଛି ସାବୁନରେ ଲାଗୁଛି। ଏପରି ତୁଳସୀ ବେଲପତ୍ର ବହୁ ରୋଗର ମହୌଷଧି। ଦେବ ପ୍ରତିମାରେ ଫୁଲ ସହିତ ଚନ୍ଦନ, ଚୁଆ, ହଳଦୀ, କର୍ପୂର ମଥାଘଷା ଆଦି ଲାଗେ। ଏସବୁ ସଂସ୍ପର୍ଶରେ ଛଡ଼ା ଫୁଲ ଆସି ଲୋକ ଶରୀରରେ ଅନେକ ରୋଗ ହାନିକାର। ଭୂତାବେଶ, ଡାହାଣୀ, ପ୍ରେତଭୟ ଲୋକଙ୍କୁ ହୁଏ। ଏମାନେ ଦୁର୍ଗନ୍ଧକୁ ଭଲ ପାଆନ୍ତି। ଶ୍ମଶାନରେ ଭୂତ ପ୍ରେତାଦି ବାସ ଯେଉଁଠାରେ ଶବ ପଟବା ଗନ୍ଧ ଶବ ପୋଡ଼ା ଗନ୍ଧ ବିଚ୍ଛୁରିତ ପବନରେ ହେଉଥାଏ। ହେଲେ ଦେବ ମନ୍ଦିର ଦେବପୂଜା ସ୍ଥାନରେ ପବିତ୍ର ବାତାବରଣ ମଧୁରୁ ସୁଗନ୍ଧ ପବନ ମିଳିଥାଏ। ଘୃତ ଦୀପରୁ ଘୃତ କର୍ପୂର ଆଳତୀରୁ ପୁଷ୍ପର ବାସ୍ନାରୁ ତୁଳସୀରୁ ଝୁଣା ଗୁଗୁଳରୁ, ଚୁଆରୁ ବିଭିନ୍ନ ଅତର କେଓପଜଳ ଗୋଲାପଜଳରୁ ବାସ୍ନା ଏହା ଦେବପ୍ରିୟ ପୁଣି ଭୂତ ଦୂରେଇବା ବାସ୍ନା। ଯେଉଁଠି ଦୁର୍ଗନ୍ଧ ସେଠାରେ ରୋଗବାସ ଯେଉଁଠି ସୁଗନ୍ଧ ସେଠାରୁ ରୋଗ ଜୀବାଣୁ ଦୂରେଇ ନିରୋଗ ଅନେକ କ୍ଷେତ୍ରରେ ଲୋକଙ୍କୁ ରଖାଉଛି। ଋଷିମାନେ ରୋଗରେ ପଡୁ ନଥିଲେ। ଏବେ ଏତେ ପଦାର୍ଥ ବ୍ୟବହାର ବଢ଼ିଲାଣି ହେଲେ ଋଷିଏ ଏତେ ଦ୍ରବ୍ୟରେ କେବେ ଜଡ଼ିତ ନଥିଲେ ବହୁଘରେ ରୋଷେଇ ଘର ବାସଗୃହ ମଧ୍ୟରେ ଠାକୁର ଘର ମଧ୍ୟ ଏଇ ବାସଗୃହରେ ଜଡ଼ିତ। ପାଇଖାନା ଘର ବାସ ଗୃହରେ ସାମିଲ ଏକ ମିଶ୍ରଣ ଗନ୍ଧ ସବୁ ଗୃହ ଭିତରେ ରହୁଛି ପୁଣି ଗୃହର ପଙ୍ଖା ପବନ ସବୁକୁ ମିଶାଇ ଦେଉଛି। ରୋଷେଇ ଘରେ ମାଛ, ଚିଙ୍ଗୁଡ଼ି, ଶୁଖୁଆ ପାକ ପୋଡ଼ା ଏବେ ଚାଲିଛି ଯାହାର ଏକ ଗନ୍ଧ ସେ ଘର ଭିତରେ ବ୍ୟାପୁଛି। ଫଳରେ ମନୁଷ୍ୟ ଶରୀରର ରୋଗ ପ୍ରତିରୋଧ ଶକ୍ତିରେ ଏକ ବାଧା ଆଣୁଛି। ନିଶ୍ୱାସ ପ୍ରଶ୍ୱାସରେ ଏ ଗନ୍ଧ କଣ କ୍ଷତି କରୁଛି ଏକଥାରେ କାହାର ଶିକ୍ଷା ବା ନଜର ନାହିଁ। ଶ୍ମଶାନ ପାଖ ଭୂମିରେ ବାସ ଏପାଇଁ ମାନ ଅଛି। କାରଣ ଶବପୋଡ଼ା ଶବ ପଚା ଗନ୍ଧ ଘ୍ରାଣ ରୋଗ ସୃଷ୍ଟିକାରୀ। ସେଥିରୁ ବାହାରୁ ଥିବା ଜୀବାଣୁ ଭୂତାଣୁ ପବନରେ ମନୁଷ୍ୟ ନାକ ପାଟି ବାଟେ ଶରୀର ପ୍ରବେଶ କରି କିଛି ରୋଗ ସୃଷ୍ଟି କରିଥାଏ।

ବିଶ୍ରବା ଋଷି ବ୍ରହ୍ମାଙ୍କର ତୃତୀୟ ପୁରୁଷର ବ୍ୟକ୍ତି ମାତ୍ର ସେ ରାକ୍ଷସ କନ୍ୟା ନିକସାର ପାଣିଗ୍ରହଣ କରିଥିଲେ ନିକସାଙ୍କୁ ଯଜ୍ଞଧୂମ ଘୃତପୋଡ଼ା ବାସ୍ନା ଭଲ ଲାଗୁନଥିଲା ସେପରି ମହର୍ଷି ଉଦ୍ଦାନକଙ୍କୁ ପେଷ୍ଟା ଲକ୍ଷ୍ମୀ (ଅଲକ୍ଷ୍ମୀ)ଙ୍କୁ ବିବାହ ହେବାକୁ ପଡ଼ିଥିଲା। ସେ ମଧ ଘୃତ ବାସ୍ନାକୁ ନାକରେ ଘ୍ରାଣ ନକରି ନାକରନ୍ଧ କରୁଥିଲେ। ଏସବୁ ଦୁଃଖର କାରଣ ଜଣାପଡ଼ିଥିଲା। ନିକସା ପୁଅ ରାବଣ କି ଭୟଙ୍କର ସମସ୍ତେ ଜାଣନ୍ତି। ହତଲକ୍ଷ୍ମୀଙ୍କ ଭୟଙ୍କର ସମସ୍ତଙ୍କୁ ଜଣଶ। ଶୁଦ୍ଧ ଜୀବନ ପାଇଁ ସୁଗନ୍ଧ ଆଶ୍ରୟ ଆବଶ୍ୟକ ମାତ୍ର କୃତ୍ରିମ ଅତର ନୁହଁ। ଶୁଦ୍ଧ ପୁଷ୍ପ ସତ୍ତ୍ୱର ଅତର ବ୍ୟବହାର କରି ମନୁଷ୍ୟଙ୍କୁ ବହୁ ରୋଗରୁ ରକ୍ଷା କରେ। ହଳଦୀ ଚନ୍ଦନ ଚର୍ମର ଉପକାରୀ। ହଳଦୀ ଜୀବାଣୁ ନାଶକ ଏବେ ଭୋଜନର ଏକ ଅନୁସଙ୍ଗିକ ପ୍ରୟୋଗ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଆଦର୍ଶ ଆଚରଣ ବିଧି

ଏବେ ମୁଣ୍ଡ ଉପରେ ନିର୍ବାଚନ। ଓଡ଼ିଶାରେ ସଂସଦୀୟ ନିର୍ବାଚନ ଓ ବିଧାନସଭା ନିର୍ବାଚନ ଏକାଦିକ୍ରମେ ହେଉଥିବାରୁ ନିର୍ବାଚନକୁ ନେଇ ଏବେ ପାଣିପାଗ ସରଗରମ। ତେବେ ଆଦର୍ଶ ଆଚରଣ ବିଧିକୁ ନେଇ ଅନେକ ସମୟରେ ଆଲୋଚନା, ଚର୍ଚ୍ଚା ଓ ପର୍ଯ୍ୟାଲୋଚନା ହୋଇଥାଏ। ଏହି ପ୍ରସଙ୍ଗରେ ଆଦର୍ଶ ଆଚରଣ ବିଧିକୁ ନେଇ ଆଲୋଚନାଟି ଏଠାରେ ଉପସ୍ଥାପନ କରୁଛୁ। ବାସ୍ତବ କଥା ହେଉଛି ଆଦର୍ଶ ଆଚରଣ ବିଧି ନିର୍ବାଚନ ସମୟରେ ସବୁ ପକ୍ଷଙ୍କ ଭିତରେ ସହମତିର ସହ ପ୍ରସ୍ତୁତ ହୋଇଥିବା ଏକ ରାଜିନାମା କହିଲେ ଅତ୍ୟୁକ୍ତି ହେବନାହିଁ ଯାହାର ପ୍ରମୁଖ ଓ ମୂଳ ଲକ୍ଷ୍ୟ ହେଉଛି ନିର୍ବାଚନୀ ପ୍ରଚାର ଠାରୁ ମତ ଦାନ ଓ ଭୋଟ ଗଣତି ସବୁ ବେଶ ବ୍ୟବସ୍ଥିତ, ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହେବ। ନିର୍ବାଚନ ବେଳେ ସାଧାରଣତଃ ଶାସନରେ ଥିବା ଦଳ ସରକାରୀ ବ୍ୟବସ୍ଥା, କ୍ଷମତା ଓ ଅର୍ଥର ଅପବ୍ୟବହାର କରିବାର ଆଶଙ୍କା ରହିଥାଏ। ସେହିପରି ଆଦର୍ଶ ଅଚାରଣ ବିଧିର ଉଲ୍ଲଂଘନ ହେଲେ ଏହାର ତଦନ୍ତ ଓ ତଦନ୍ତ ପରେ ଦଣ୍ଡ ଦେବାର ଅଧିକାର ନିର୍ବାଚନ କମିଶସନରଙ୍କ ରହିଛି। ଏହି ଆଚରଣ ବିଧି ଲାଗୁ ହେବାପରେ ସରକାରୀ ଭାବେ କୌଣସି ଆର୍ଥିକ ଅନୁଦାନ ଘୋଷଣା ହୋଇପାରିବ ନାହିଁ। ଭୋଟରଙ୍କୁ ବା ଜନମତକୁ ପ୍ରଭାବିତ କରିବା ଭଳି କୌଣସି ଯୋଜନା ମଧ୍ୟ ଘୋଷଣା ହୋଇପାରିବ ନାହିଁ ଏହା ସହ ସରକାରୀ କଳର ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ରହିଥାଏ।

ଆଦର୍ଶ ଆଚରଣ ବିଧି ଉପରେ ଆଲୋଚନା ବେଳେ ଏହାର ପୃଷ୍ଠଭୂମି ଉପରେ ଆଲୋକପାତ କରୁଛୁ। ଅନେକ ହୁଏତ ଜାଣି ନଥିବେ ୧୯୬୦ ମସିହାରେ କେରଳ ବିଧାନସଭା ନିର୍ବାଚନ ସମୟରେ ଏହା ଲାଗୁ ହୋଇଥିଲା। ନିର୍ବାଚନ ସମୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରାଜନୈତିକ ଦଳ ମାନଙ୍କର ଆଚରଣ ଓ କାର୍ଯ୍ୟ କଳାପ କିପରି ରହିବ ସେ ନେଇ ପ୍ରଶାସନ ବିଧିବଦ୍ଧ ଭାବେ ଏକ ନୀତି ନିର୍ଦ୍ଧାରଣ ପ୍ରସ୍ତୁତି କରିଥିଲା। ତେବେ ୧୯୬୦ ପୂର୍ବରୁ ଭାରତର ନିର୍ବାଚନ କମିଶସନରଙ୍କ ଦ୍ୱାରା ପ୍ରକାଶିତ ଏକ ପୁସ୍ତକ 'ଲିପ ଅଫ ଫେଥ୍' ରେ ବ୍ୟାପକ ଭାବେ ଉଲ୍ଲେଖ ରହିଛି। ବିଶ୍ୱର ଅନ୍ୟତମ ସର୍ବବୃହତ୍ତ ଗଣତନ୍ତ୍ର ଭାରତର ଗଣତନ୍ତ୍ରରେ ନିର୍ବାଚନ କମିଶନରଙ୍କ କାର୍ଯ୍ୟ କଳାପ ଓ ଦାୟିତ୍ୱ ବିଷୟରେ ଏଥିରେ ଉଲ୍ଲେଖ ରହିଛି। ସର୍ବନିମ୍ନ ଆଚରଣ ବିଧି ବା ମିନିମମ୍ କୋର୍ଡ଼ ଅଫ କଣ୍ଡକ୍ଟ ୧୯୬୮ ସେପ୍ଟେମ୍ବର ୨୬ରେ ପ୍ରଥମ ଥର ପାଇଁ ଭାରତ ନିର୍ବାଚନ କମିଶନର ଆଦର୍ଶ ଆଚରଣ ବିଧି ଲାଗୁ କରିଥିଲେ। ପରେ ୧୯୭୯, ୧୯୮୨, ୧୯୯୧ ଓ ୨୦୧୩ରେ ଏହି ଆଚରଣ ବିଧିର ଆବଶ୍ୟକୀୟ ଶଂଷୋଧନ ହୋଇଥିଲା। ତତ୍କାଳୀନ ସମୟରେ ନିର୍ବାଚନ କମିଶନ 'ରୋଲ୍ ଆଣ୍ଡ ରେସପ୍ସିବିଲିଟିଜ୍ ଅଫ ପଲିଟିକାଲ ପାର୍ଟିଜ ଡ୍ୟୁରିଂ ଇଲେକ୍ସନ : ଆନ୍ ଅପିଲ ଟୁ ପଲିଟିକାଲ ପାର୍ଟିଜ ଫର ଦି ଅବଜର୍ଭେନ୍ସ ଅଫ୍ ମିନିମମ୍ କୋଡ଼ ଅଫ କଣ୍ଡକ୍ଟ ଡ୍ୟୁରିଂ ଇଲେକ୍ସନ୍ସ ପ୍ରୋପାଗଣ୍ଡା ଆଣ୍ଡ କ୍ୟାମ୍ପେନ୍' ଶୀର୍ଷକ ଏକ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଥିଲେ ଯେଉଁଥିରେ ନିର୍ବାଚନରେ ଭାଗ ନେଉଥିବା ରାଜନୈତିକ ଦଳ ଓ ପ୍ରାର୍ଥୀ ମାନଙ୍କ ଆଚରଣର ବିଭିନ୍ନ ଦିଗ ନିର୍ଦ୍ଧାରଣ ପାଇଁ ଏହା ପ୍ରସ୍ତୁତ ହୋଇଥିଲା। ସର୍ବପ୍ରଥମେ ୧୯୭୯ ମସିହାରେ ରାଜନୀତିକ ଦଳମାନେ ସମବେତ ହୋଇ ଏକ ବିଧିବଦ୍ଧ ଖସଡ଼ାକୁ ଗ୍ରହଣ କରି କାର୍ଯ୍ୟକାରୀ କରିବା ପାଇଁ ରାଜି ହୋଇଥିଲେ। ସେହିପରି ୨୦୧୩ରେ ଏକ ସଂସଦୀୟ କମିଟି ବୈଠକରେ ଆଦର୍ଶ ଆଚରଣ ବିଧିକୁ ଆଇନଗତ ସମର୍ଥନ ଦେବା ପାଇଁ ସୁପାରିଶ କରାଯାଇଥିଲା ଯେଉଁଥିରେ ଭାରତର ନିର୍ବାଚନ କମିଶନରଙ୍କୁ ସମ୍ପୂର୍ଣ୍ଣ କ୍ଷମତା ପ୍ରୟୋଗ ଲାଗି ପ୍ରସ୍ତାବ ରହିଥିଲା।

ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ମାର୍ଗଦର୍ଶନ ନିମନ୍ତେ ଆଦର୍ଶ ଆଚରଣ ବିଧି ଉଦ୍ଦିଷ୍ଟ । ଏହା ସମସ୍ତ ରାଜନୈତିକ ଦଳଙ୍କ ସହମତିରେ ପ୍ରକାଶିତ ହୋଇଥାଏ । ଏଥିରେ ଅନ୍ତର୍ଭୁକ୍ତ ନୀତିନିୟମକୁ ଉଲ୍ଲଂଘନ ନ କରିବା ପାଇଁ ସେମାନେ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି । ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ ସଂସଦ ତଥା ରାଜ୍ୟ ବିଧାନସଭାଗୁଡ଼ିକ ପାଇଁ ଯେପରି ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା କରାଯାଇପାରିବ ସେଥିସକାଶେ କେନ୍ଦ୍ର ତଥା ରାଜ୍ୟଗୁଡ଼ିକରେ କ୍ଷମତାରେ ଥିବା ରାଜନୀତିକ ଦଳ ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ନିର୍ବାଚନ ସମ୍ପର୍କିତ ନିୟମାବଳୀ ପାଳନ କରୁଛନ୍ତି କି ନାହିଁ ତାହା ନିର୍ବାଚନ କମିଶନ ଅନୁଧ୍ୟାନ କରିଥାନ୍ତି । ନିର୍ବାଚନ ଉଦ୍ଦେଶ୍ୟରେ ନିୟୋଜିତ ସରକାରୀ କଳର ଯେପରି ଅପବ୍ୟବହାର ନହୁଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଥାଏ । ଏଥିରେ ଉଲ୍ଲଂଘନ ହେଲେ ଆଇନଗତ ପଦକ୍ଷେପମାନ ଗ୍ରହଣ କରିବା ନିର୍ବାଚନ କମିଶନଙ୍କର ଅନ୍ୟତମ କାର୍ଯ୍ୟ । ଲୋକସଭା ଲାଗି ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ବେଳେ ସମଗ୍ର ଦେଶରେ ଏହି ଆଚରଣ ବିଧି ଲାଗୁ କରାଯାଇଥାଏ । ବିଧାନସଭା ଲାଗି ଅନୁଷ୍ଠିତ ନିର୍ବାଚନ ବେଳେ ଆଚରଣ ବିଧି ସମ୍ପୃକ୍ତ ରାଜ୍ୟରେ ଲାଗୁ କରାଯାଏ । ଉପନିର୍ବାଚନ ବେଳେ ଯେଉଁ ଜିଲ୍ଲାର ନିର୍ବାଚନ ମଣ୍ଡଳୀ ଲାଗି ନିର୍ବାଚନ ଅନୁଷ୍ଠିତ ହେଉଥାଏ ସେହି ଜିଲ୍ଲାର ସମଗ୍ର ଅଞ୍ଚଳରେ ଆଚରଣ ବିଧି ଲାଗୁ ହୁଏ । ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ପ୍ରଚାର, ସଭାସମିତି, ଶୋଭାଯାତ୍ରା, ଭୋଟଦାନ ଦିନ ବିଭିନ୍ନ କାର୍ଯ୍ୟକଳାପରେ ସାଧାରଣତଃ କିପରି ଭାପବରେ ସେମାନେ ଆଚରଣ କରିବେ ତାହା ଆଚରଣ ବିଧିରେ ଉଲ୍ଲେଖ ରହିଛି । ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ବିଜ୍ଞପ୍ତି ମାଧ୍ୟମରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ହେବା ତାରିଖ ଠାରୁ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୁଏ ଓ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ତାହା ବଳବତ୍ତର ରହେ । ଏହି ସମୟରେ ମନ୍ତ୍ରୀମଣ୍ଡଳ ଓ କେନ୍ଦ୍ର ତଥା ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ରାଜନୈତିକ ଦଳ ମଧ୍ୟରେ ସରକାରୀ ଭାବରେ କୌଣସି ଭିଡ଼ିଓ କନ୍‌ଫରେନ୍‌ସିଂ ହୋଇପାରିବ ନାହିଁ । ନିର୍ବାଚନ ତାରିଖ ଘୋଷଣା ଠାରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ କୌଣସି ନିର୍ବାଚନ ମଣ୍ଡଳୀକୁ କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ମନ୍ତ୍ରୀ ସରକାରୀ ଗସ୍ତ କରିପାରିବେ ନାହିଁ । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କୁ କୌଣସି ମନ୍ତ୍ରୀ ଉକ୍ତ ନିର୍ବାଚନ ମଣ୍ଡଳୀ ବାହାରେ ଥିବା କୌଣସି ସ୍ଥାନରେ ଆଲୋଚନା ସକାଶେ ଡକାଇପାରିବେ ନାହିଁ । କୌଣସି ମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ଯେ କୌଣସି ସଭାର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ଛାଡ଼ି ଅନ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା ବେସରକାରୀ ଭାବେ କରାଯିବ । କୌଣସି ମନ୍ତ୍ରୀ ତାଙ୍କର ମନୋନୟନ ପତ୍ର ଦାଖଲ କରିବା ସକାଶେ ଏବଂ ଏହାପରେ ତାଙ୍କ ନିର୍ବାଚନ ମଣ୍ଡଳୀକୁ କରିଥିବା ଗସ୍ତକୁ ନିର୍ବାଚନ ପ୍ରକ୍ରିୟା ଲାଗି କରାଯାଇଛି ବୋଲି ଧରିନିଆଯିବ। ନିର୍ବାଚନ ବେଳେ କୌଣସି ମନ୍ତ୍ରୀ ଭାରତର ଅନ୍ୟ ଯେ କୌଣସି ସ୍ଥାନକୁ ସରକାରୀ ସ୍ତରରେ ଯାଇପାରିବେ ନାହିଁ । ଯେଉଁଠାରେ ଆଚରଣ ବିଧି ବଳବତ୍ତର ରହିଛି ସେଠାକୁ କୌଣସି ମନ୍ତ୍ରୀ ସରକାରୀ କାର୍ଯ୍ୟରେ ଗସ୍ତ କଲେ ସେଠାରେ ରହଣି କରିପାରିବେ ନାହିଁ।



ସୌର ଚନ୍ଦ୍ର ମହାପାତ୍ର

ନିର୍ବାଚନ ସଂକ୍ରାନ୍ତୀୟ ଗସ୍ତ ବେଳେ ମନ୍ତ୍ରୀଙ୍କ ଦ୍ୱାରା ସଙ୍କେତ ଆଲୋକ ଥାଇ କୌଣସି ପାଇଲଟ କାର୍ ବା ସାଇରନ୍ ଥିବା କୌଣସି ପ୍ରକାର କାର, ଯାହାକି ତାଙ୍କ ଉପସ୍ଥିତିକୁ ଭୋଟରଙ୍କୁ ଆକୃଷ୍ଟ କରୁଥିବ ବ୍ୟବହୃତ ହୋଇପାରିବ ନାହିଁ। ନିର୍ବାଚନ ପ୍ରଚାର, ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟ ବା ନିର୍ବାଚନ ସମ୍ପର୍କିତ ଗସ୍ତରେ ସରକାରୀ ଗାଡ଼ି ବ୍ୟବହାର କରିବା ସମ୍ପୂର୍ଣ୍ଣ ନିଷେଧ। ସେମାନେ ନିର୍ବାଚନ ପ୍ରଚାର ଉଦ୍ଦେଶ୍ୟରେ ନିଜର ବ୍ୟକ୍ତିଗତ ଗାଡ଼ି ବ୍ୟବହାର କରି ବେସରକାରୀ ଭାବେ ଗସ୍ତ କରିପାରିବେ। ଏହି ଗସ୍ତ କଲାବେଳେ ତାଙ୍କର ବ୍ୟକ୍ତିଗତ ସରକାରୀ କର୍ମଚାରୀଙ୍କୁ ସାଙ୍ଗରେ ନେଇପାରିବେ ନାହିଁ। ଯଦି କୌଣସି କେନ୍ଦ୍ର ବା ରାଜ୍ୟ ମନ୍ତ୍ରୀ କେତେକ ଜରୁରୀ ପରିସ୍ଥିତିରେ ରାଜ୍ୟ ବାହରକୁ ସରକାରୀ କାର୍ଯ୍ୟରେ ଗସ୍ତ କରନ୍ତି, ଯାହାକି ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଧେୟ, ତେବେ ସେପରି ସ୍ଥଳେ ସେ ଯେଉଁଠାକୁ ଗସ୍ତ କରୁଛନ୍ତି ସେହି ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ନିକଟରୁ ସମ୍ପୃକ୍ତ ବିଭାଗର ଶାସନ ସଚିବ ସେହି ମର୍ମରେ ଏକ ପତ୍ର ପଠାଇବେ ଓ ଉକ୍ତ ପତ୍ରର ଏକ ନକଲ ମଧ୍ୟ କମକିଶନଙ୍କ ନିକଟକୁ ପଠାଇବେ। ଏ କ୍ଷେତ୍ରରେ ମନ୍ତ୍ରୀ ସରକାରୀ ଗାଡ଼ି ଓ ରହଣି ସୁବିଧା ପାଇବେ। ମନ୍ତ୍ରୀମାନେ କେବଳ ସରକାରୀ କାର୍ଯ୍ୟରେ ସେମାନଙ୍କର ସରକାରୀ ଯାନରେ ସରକାରୀ ବାସଭବନରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଗସ୍ତ କରିପାରିବେ। ଏହି ଗସ୍ତ ସହିତ କୌଣସି ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ବା ଅନ୍ୟ ଯେ କୌଣସି ରାଜନୈତିକ କାର୍ଯ୍ୟକଳାପ ସଂଯୁକ୍ତ ହେବନାହିଁ। ମନ୍ତ୍ରୀମାନେ ସେମାନଙ୍କର ସରକାରୀ ଗସ୍ତ କାର୍ଯ୍ୟକ୍ରମ ସହିତ ନିର୍ବାଚନ ସମ୍ପର୍କିତ କାର୍ଯ୍ୟକୁ ଏକତ୍ର କରିପାରିବେ ନାହିଁ। ସରକାରଙ୍କ ଅର୍ଥ ବ୍ୟୟ କରି ମନ୍ତ୍ରୀ ଦ୍ୱାରା ଇଫ୍‌ତାର ପାର୍ଟି ଭଳି କୌଣସି ଧାର୍ମିକ ଉତ୍ସବର ଆୟୋଜନ କରାଯାଇପାରିବ ନାହିଁ। ଯେଉଁ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେଉଥାଏ ସେଠାରେ ମନ୍ତ୍ରୀଙ୍କର ବେସରକାରୀ ଗସ୍ତ ବେଳେ କୌଣସି ସରକାରୀ କର୍ମଚାରୀ ଯଦି ତାଙ୍କୁ ଭେଟନ୍ତି ତେବେ ତାହା ସେବା ନିୟମାବଳୀର ଉଲ୍ଲଂଘନ ହେବ। ଏଥିପାଇଁ ସେ ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ଧମକର ଶିକାର ହୋଇଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ତଥା ରାଜନୈତିକ ଦଳର ଅନ୍ୟାନ୍ୟ ନେତାମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ। ସେମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ବୁଲେଟ୍‌ରୋଧୀ କାର ଓ ଅନ୍ୟ ସମସ୍ତ କାର୍ ବାବଦ ବ୍ୟୟ ସମ୍ପୃକ୍ତ ବ୍ୟକ୍ତି ବହନ କରିବେ। ଅବଶ୍ୟ ସୁରକ୍ଷା କର୍ମଚାରୀ ବାବଦ ବ୍ୟୟ ସମ୍ପୃକ୍ତ ରାଜ୍ୟ / କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କ ଦ୍ୱାରା ବହନ କରାଯିବ। ଭାରତର ଗଣତନ୍ତ୍ର ବିଶ୍ୱର ସର୍ବବୃହତ୍ତ ଗଣତନ୍ତ୍ର ଏବଂ ଏହାର ନିର୍ବାଚନ, ତତ୍‌ଜନିତ ଫଳାଫଳକୁ ସମଗ୍ର ବିଶ୍ୱ ଅପେକ୍ଷା ରଖିଥାଏ। ଭାରତର ନିର୍ବାଚନ କମିଶନର ନିରପେକ୍ଷ ଭାବେ ନିର୍ବାଚନ ପରିଚାଳନା କରିବା ସହ ଦେଶରେ ଆଦର୍ଶ ଆଚରଣ ବିଧି ଯଥାର୍ଥ ଭାବେ କାର୍ଯ୍ୟକାରୀ ହୋଇ ଏହା ଗଣତନ୍ତ୍ରର ଶକ୍ତିକୁ ମଜଭୁତ କରିଥାଏ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ

# ଓଡ଼ିଶା ବିଜେପି.... ଚାଲୁଛି ଅଳପ.... ଝୁଣ୍ଟୁଛି ବେଶି

**ଏସ. ସତ୍ୟପ୍ରକାଶ**

ଓଡ଼ିଶାରେ ବିଜେପି ସତରେ କ'ଣ ସରକାର ଗଢ଼ିବ? ମୋଦିଙ୍କ 'ଅବକୀ ବାର୍ ଚାରଶୋ ପାର୍' ନାରା କ'ଣ ସତରେ ପରିଣତ ହୋଇପାରିବ। ଓଡ଼ିଶାର ନିର୍ବାଚନ କ୍ଷେତ୍ରର ବିଜେପିର ରଣନୀତି, ଭୋଟ ପରିଚାଳନା, ଦଳୀୟ ଅସନ୍ତୋଷ ସବୁକିଛିକୁ ଦେଖିଲେ ଏଥର କ'ଣ ଆଗାମୀ ଦଶ ବର୍ଷ ଭିତରେ ବି ଓଡ଼ିଶାରେ ବିଜେପି ନିଜକୁ ମୁଣ୍ଡ ଟେକି ଛିଡ଼ା ହେବାର ସାମର୍ଥ୍ୟ ରଖିପାରିବ ନାହିଁ। ଏହାର କାରଣ ହେଉଛି ବିଜେପି ରାଜ୍ୟ ନେତୃତ୍ୱଙ୍କ ଭୁଲ ରାଜନୈତିକ ଗୋଟି ଚାଳନା ବୋଧ ହୁଏ ଏଥିପାଇଁ ଦାୟୀ ରହିବ। କାରଣ ରାଜ୍ୟ ବିଜେପି ମିଶ୍ରଣ ପର୍ବ ନାମରେ ସଠିକ ନିର୍ଣ୍ଣୟ ନ ନେଇ ବିଜେପିର ଆଦର୍ଶ, ନୀତି ଓ ନେତାଙ୍କୁ ପ୍ରକାଶ୍ୟରେ ବିରୋଧ କରୁଥିବା ଓ ଆରଏସଏସର ସମାଲୋଚନା କରୁଥିବା ନେତା ମାନଙ୍କୁ କେବଳ ଦଳରେ ସାମିଲ କରାଗଲା ନାହିଁ ବରଂ ପୁରସ୍କାର ସ୍ୱରୂପ ସେମାନଙ୍କୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଲଢ଼ିବା ପାଇଁ ଟିକେଟ ଦିଆଗଲା। ଯାହାକି ବିଜେପି ପରି କ୍ୟାଡର ବେସ ପାର୍ଟିର ସ୍ଥାନୀୟ ନେତା, କର୍ମୀ ଓ ବିଜେପିକ ଭଲ ପାଉଥିବା ଭୋଟର ମାନଙ୍କର ମନବଳକୁ ଆଘାତ ଦେଲା। ରାଜ୍ୟ ତମାମ ବିଭିନ୍ନ ନିର୍ବାଚନ ମଣ୍ଡଳୀ ଗସ୍ତ କଲାପରେ ଆମେ ଅନେକ ଅନାଲୋଚିତ, ଚର୍ଚ୍ଚିତ ଓ ରୋଚକ ଘଟଣା ସବୁ ସାମ୍ନା କରିଥିଲୁ। ଭାତ ହାଣ୍ଡିରୁ ଗୋଟିଏ ପରି ଉଦାହରଣ ଏଠାରେ ରଖୁଛୁ। ବିଜେପି ପାଇଁ ସମ୍ମାନଜନକ ହୋଇଥିବା ଆଉ ଜୀ ଜାନ୍ ଲଗାଇ ଦେଇଥିବା ସଂସଦୀୟ କ୍ଷେତ୍ର ହେଉଛି ବ୍ରହ୍ମପୁର। ବିଜେଡ଼ିର ଗଡ଼ରେ ଦଖଲ ଦେବାକୁ ବିଜେପି ଏଠାରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଦେଇଛି। ତେବେ ରୋଚକ ଘଟଣା ହେଉଛି ଏଠାରେ ଏକଦା ବିଜେପିର ବଡ଼ ଚେହେରା ଥିବା ସ୍ଥାନୀୟ ଅଞ୍ଚଳର ଭୃଗୁ ବକ୍ସି ପାତ୍ର ଦଳ ଛାଡ଼ି ବିଜେଡ଼ିରେ ଯୋଗ ଦେବା ପରେ ଦଳ ତାଙ୍କୁ ଗୁରୁତ୍ୱ ଦେଇ ମାତ୍ର ବାର ଘଣ୍ଟା ଭିତରେ ଟିକେଟ ଦେଲା। ଏଠାରେ କିନ୍ତୁ ବିଜେପିର ପ୍ରାର୍ଥୀ ହୋଇଛନ୍ତି ତଥାକଥିତ ଦାଗୀ ପ୍ରଦୀପ ପାଣିଗ୍ରାହୀ। ଯିଏ ଜାମିନରେ ଆସିଛନ୍ତି ଓ ସ୍ଥାନୀୟ ଅଞ୍ଚଳରେ ଜଣେ ତଡାଖିଆ ନେତା ଭାବେ ଦୁର୍ନାମର ଅପବାଦ ମଧ୍ୟ ମୁଣ୍ଡେଇଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ବେଶି ମର୍ମାହତ ଏଇଥିପାଇଁ ଯେ ମୋଦିଜୀଙ୍କ ପରି ଜଣେ ନେତା ପ୍ରଦୀପ ପାଣିଗ୍ରାହୀ ପରି ଜଣେ ଦାଗୀ ନେତାଙ୍କ ସହ ମଞ୍ଚ ସେୟାର କରିଛନ୍ତି।

ସେହିପରି ଓଡ଼ିଶା ରାଜନୀତିର ସବୁଠୁ ଚର୍ଚ୍ଚିତ ଲଢ଼େଇ ହେଉଛି ବାଲେଶ୍ୱରରେ। ଏଠାରେ ନନା ବନାମ ନାନୀ। ମୋଦିଜିଙ୍କ ମନ୍ତ୍ରୀମଣ୍ଡଳରେ ଶାସନ ପରିଚାଳନାରେ ଅସମାର୍ଥ୍ୟ ପାଇଁ ପ୍ରତାପ ଷଡ଼ଙ୍ଗୀ କ୍ୟାବିନେଟରୁ ବାହାରିବାକୁ ବାଧ ହେଲେ। ଦଳ ତାଙ୍କୁ ଏଥର ଟିକେଟ ଦେଇଛି। ତେବେ ବିଜେପିରୁ ଅସନ୍ତୁଷ୍ଟ ହୋଇ ବିଜେଡ଼ିରେ ଯୋଗ ଦେଇଥିବା ସ୍ଥାନୀୟ ଅଞ୍ଚଳର ବୋହୂ ତଥା ଫାୟାର ବ୍ରାଣ୍ଡ ନେତ୍ରୀ ଲେଖାଶ୍ରୀ ସମାନ୍ତ ସିଂହାର ଓରଫ୍ ଲେଖାନାନୀ ଲଢୁଛନ୍ତି ପ୍ରତାପ ଷଡ଼ଙ୍ଗୀଙ୍କ ବିରୁଦ୍ଧରେ। ଦଳୀୟ ଟିକେଟ ପାଇଁ ଆଶାୟୀ ଥିବା ପୂର୍ବତନ ସାଂସଦ ତଥା ଅଭିଜ୍ଞ ଓ ବରିଷ୍ଠ ନେତା ଖାରବେଳ ସ୍ୱାଇଁ ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହୋଇଛନ୍ତି। ତାଙ୍କର ନିର୍ଦ୍ଦିଷ୍ଟ ପକେଟ ଭୋଟ ଅଛି ଓ ସଂଗଠନ ମଧ୍ୟ। ନିଶ୍ଚିନ୍ତ ସେ କିଛି ଭୋଟ କାଟିବେ। ଆଉ ବିଜେଡ଼ିର ବିଜୟ ସୁନିଶ୍ଚିତ। ସବୁଠାରୁ ମହଙ୍ଗା ଲଢ଼େଇ ହେଉଛି ସମ୍ମାନଜନକ କଟକ ସିଟରେ। ବର୍ଷୀଆନ, ଅନୁଭବୀ ଓ ଦକ୍ଷ ପାର୍ଲାମେଣ୍ଟେରିଆନ ଭାବେ ପରିଚିତ ବିଜେଡ଼ିର ଭର୍ତ୍ତୃହରି ବାବୁ ସୁପ୍ରିମୋଙ୍କ ଗୁଡ଼ବୁକରେ ଢ଼େର ଦିନରୁ ନଥିଲେ। ନିର୍ବାଚନ ପୂର୍ବରୁ ବିଜେପିକୁ ସେ ଆପଣାଇ ବିଜେଡ଼ି ଛାଡ଼ିଲେ ଓ ଚଳିତ ଥର ବିଜେପିରୁ ସେ ଲଢୁଛନ୍ତି। ତାଙ୍କ ସହ ମୁକାବିଲା ହେଉଛି ରାଜନୀତିରେ ନୂଆ ହୋଇଥିଲେ ବି କର୍ପୋରେଟ ଜଗତର ବଡ଼ ପ୍ରଭାବୀ ଚେହେରା ଡକ୍ଟର ସଂତୃପ୍ତ କୁମାର ମିଶ୍ରଙ୍କ ସହ। ସମ୍ମାନଜନକ କଟକ ହେଉଛି ବିଜେଡ଼ିର ଅଭେଦ୍ୟ ଦୁର୍ଗ। ନବୀନ ବାବୁଙ୍କ ଫେସକୁ ଛାଡ଼ିଦେଲେ ଏଠାରେ ଦଳର ସଂଗଠନ ହିଁ ସଂତୃପ୍ତ ବାବୁଙ୍କୁ ବିଜୟ ଟୀକା ନିଶ୍ଚିନ୍ତ ପିନ୍ଧାଇବ। ତେବେ କଥା ଏତିକିରେ ଅଟକି ନାହିଁ। ସମ୍ମାନଜନକ କଟକ ବାରବାଟୀ ସିଟରେ ଏଥର ବିଜେପିକୁ ମାଟି କାମୁଡ଼ିବାକୁ ପଡ଼ିବ। ବର୍ଷ ବର୍ଷ ଧରି ସଂଗଠନକୁ ମଜଭୁତ କରିଥିବା ସହ ନିଜ ବ୍ୟକ୍ତିତ୍ୱ ଓ ପ୍ରଭାବ ଦ୍ୱାରା ନିଜର ବ୍ୟକ୍ତିତ୍ୱ ପରାକାଷ୍ଠା ଓ ଉତ୍ତମ ସଂଗଠନ ରଖିପାରିଥିବା ବରିଷ୍ଠ ଆଇନଜୀବୀ ସୌର ଚନ୍ଦ୍ର ମହାପାତ୍ରଙ୍କୁ ବିଜେପି ଏଥର ଟିକେଟ ଦେଇନି। ଆରଏସଏସ୍ ଓ ବିଜେପିର କେନ୍ଦ୍ରୀୟ ମହଲର ଗୁଡ଼ବୁକରେ ଥାଇ ମଧ୍ୟ ଓଡ଼ିଶା ବିଜେପିର କିଛି ଚାମଚା ଓ ଗୋଛି କଟା ଏମାନଙ୍କ ଟିକେଟ ପ୍ରାପ୍ତିକୁ ଅଙ୍କକେ ଅଟକାଇ ଦେବାରେ ସକ୍ଷମ ହେଲେ ସିନା, କିନ୍ତୁ ଦଳକୁ ଅନେକ ମୂଲ୍ୟ ଦେବାକୁ ପଡ଼ିବ। କେବଳ ଓଡ଼ିଶାରେ ନୁହେଁ ଭାରତର ନ୍ୟାୟିକ ବ୍ୟବସ୍ଥାରେ ଜଣେ ସୁଦକ୍ଷ, ଅଭିଜ୍ଞ ଫୌଜଦାରୀ ଆଇନଜ୍ଞ ଭାବେ ସୌର ଚନ୍ଦ୍ର ମହାପାତ୍ର ଯେତିକି ପରିଚିତ ଜଣେ ସମାଜ ସେବକ, ସଂଗଠକ ଓ ସୁବକ୍ତା, ଲେଖକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚିତ ରହିଛି। କେବଳ କଟକ ସହର ନୁହେଁ ରାଜ୍ୟର ଅନେକ ଅଞ୍ଚଳରେ ତାଙ୍କର ଢ଼େର ଶୁଭେଚ୍ଛୁ, ପ୍ରଶଂସକ ଓ ଭଲ ପାଉଥିବା ଲୋକ ରହିଛନ୍ତି। କଟକ ସହରରେ ତାଙ୍କର ନିର୍ଦ୍ଦିଷ୍ଟ ପକେଟ ଭୋଟ ମଧ୍ୟ ଅଛି। ଏହା ବ୍ୟତୀତ ସମଗ୍ର ଆଇନଜୀବୀଙ୍କ ଦଶ ହଜାର ସମର୍ଥକ ଓ ଶୁଭେଚ୍ଛୁ ବିଶାଳ ସମର୍ଥନ ଓ ଭୋଟ ମଧ୍ୟ ରହିଛି। ଗତଥର ସେ ଟିକେଟ ପାଇବାର ପ୍ରମୁଖ ଦାବୀଦାର ଥିଲେ ତେବେ ପୂର୍ବତନ ମନ୍ତ୍ରୀ ସମୀର ଦେ ନିଜ ରାଜନୀତିର ଶେଷ ସମୟ କହି ଟିକେଟ ମାଗି ନେଇଥିଲେ ଯଦିଓ ତାଙ୍କୁ ପରାଜୟ ଦେଖିବାକୁ ପଡ଼ିଥିଲା। ତେବେ ବାରବାଟୀ କଟକର ରୋଚକ ଖବର ହେଉଛି ବିଜେପି ରାଜ୍ୟ ନେତୃତ୍ୱ ଏହି ନିର୍ବାଚନ ମଣ୍ଡଳୀରେ ବିଗତ ଦିନର ନିର୍ବାଚନରେ ଦଳର ପରାଜୟକୁ ଗୁରୁତ୍ୱର ସହ ବିଚାର କରି ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଜଣେ ବରିଷ୍ଠ, ସର୍ବମାନ୍ୟ ଓ ନିର୍ମଳ ଭାବମୂର୍ତ୍ତି ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବାରେ ବିଳମ୍ବ କଲା। ଏହି ନିର୍ବାଚନ ମଣ୍ଡଳୀରେ ସୌର ବାବୁଙ୍କ ବ୍ୟତୀତ ଖୋଦ କଟକ ନଗର ଜିଲ୍ଲାର ସଭାପତି ବିଜେପିର ଜିଲ୍ଲା ସଭାପତି ବଡୁ ବାବୁ ଓ ପ୍ରାକ୍ତନ ବିଜେପି ରାଜ୍ୟ ମହିଳା ସଭାନେତ୍ରୀ ଶ୍ରୀମତୀ ଦାସଙ୍କ ନାମକୁ ମଧ୍ୟ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ଦଳ ବିଚାରକୁ ନେଲାନାହିଁ। ଦଳ ଏଥର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଲଢ଼ାଇଛି। ଜଣେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଏବଂ କର୍ପୋରେଟ ବ୍ୟବସ୍ଥା ଦ୍ୱାରା ହେଲଥ ବିଜିନେସ କରୁଥିବା ବ୍ୟକ୍ତି ଭାବେ ସେ ଜଣା। ସହରରେ ତାଙ୍କର ନାଁ ସଂଗଠନ ଅଛି ନାଁ ପ୍ରଭାବ ଅଛି? ରାଜନୈତିକ ସମୀକ୍ଷକଙ୍କ ମତ ସୌର ଚନ୍ଦ୍ର ମହାପାତ୍ରଙ୍କୁ ଅସନ୍ତୁଷ୍ଟ କରିବାର ଫଳ ତାଙ୍କ ଶୁଭେଚ୍ଛୁ ମାନଙ୍କୁ ଢ଼େର ଆଘାତ ଦେଇଛି ଆଉ ସେମାନଙ୍କର ତୀବ୍ର ଅସନ୍ତୋଷକୁ ଦଳୀୟ ମହଲ କୌଣସି ପରିସ୍ଥିତିରେ ମଧ୍ୟ ପ୍ରସମିତ କରିପାରିବେ ନାହିଁ। ଏକା ଧାଡ଼ିରେ କହିବାକୁ ଗଲେ କେବଳ ସୌର ବାବୁ ନୁହଁନ୍ତି ଓଡ଼ିଶା ବିଜେପି ତିନି ତିନି ଜଣ ପ୍ରମୁଖ ବଳିଷ୍ଠ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଓ ପ୍ରଭାବକୁ ନଜର ଅନ୍ଦାଜ କରିଛି। ସେମାନଙ୍କ ଅସନ୍ତୋଷ ହିଁ ବିଜେପିର ପ୍ରାର୍ଥୀଙ୍କ ପରାଜୟର ପ୍ରମୁଖ କାରଣ ହେବ। ଭୋଟ-୨୪ କେନ୍ଦ୍ର ବିଜେପି ସହ ଓଡ଼ିଶା ବିଜେପି ପାଇଁ ବହୁମୂଲ୍ୟ ଓ ଗୁରୁତ୍ୱର ସଂକେତ ବହନ କରୁଛି। କାରଣ ବିଜେଡ଼ି ବିଜେପି ଚୋରା ପିରତୀର ମେଣ୍ଟ ନିର୍ବାଚନ ପୂର୍ବରୁ ଅନେକ କୁହେଳିକା ସୃଷ୍ଟି କରିଥିଲା। ତେଣୁ ରାଜ୍ୟବାସୀ ଏବେ ବି ସନ୍ଦେହ ଓ ସଂଶୟରେ ରହିଛନ୍ତି ବିଜେଡ଼ି-ବିଜେପି ଭିତରେ କ'ଣ ଅସଲ ମୁକାବିଲା ହେଉଛି? ନାଁ ଆମ ପାଇଁ ଲୋକ ଦେଖାଣିଆ? ପ୍ରଥମତଃ ଓଡ଼ିଶା ବିଜେପି ଦଳ ଟିକେଟ ବଣ୍ଟା କ୍ଷେତ୍ରରେ ଅନେକ ବିଳମ୍ବ କରିଛି। ଅନେକ କ୍ଷେତ୍ରରୁ ସ୍ଥାନୀୟ ଅଞ୍ଚଳରେ ପ୍ରଭାବ ଥିବା ପ୍ରାର୍ଥୀମାନେ ବର୍ଷ ବର୍ଷ ପରିଶ୍ରମ କରିଥିଲେ ମଧ୍ୟ ଟିକେଟରୁ ବଞ୍ଚିତ ହୋଇଛନ୍ତି। ଓଡ଼ିଶା ବିଜେପିର ପରିଚାଳନା ମଧ୍ୟ ସଂପୂର୍ଣ୍ଣ ଦିଗହରା। କେନ୍ଦ୍ରର ଶୀର୍ଷ ମହଲ ଏମାନଙ୍କୁ ସମ୍ଭବତଃ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇପାରୁନାହାଁନ୍ତି। ଅମିତ ଶାହାଙ୍କୁ ବିଜେପି ରାଜନୀତିର ଚାଣକ୍ୟ କୁହାଯାଉଥିଲେ ବି ଓଡ଼ିଶା ବିଜେପିର ଚାଣକ୍ୟ କେହି ନାହାଁନ୍ତି। ପାଞ୍ଚ ପାଞ୍ଚଥର ଲଗାତର ରେକର୍ଡ଼ଧାରୀ ମୁଖ୍ୟମନ୍ତ୍ରୀ ଓ ବିଜେଡ଼ିର ବିଶାଳ ସଂଗଠନ ଆଗରେ ଓଡ଼ିଶା ବିଜେପି ଲଢ଼ିବା ପାଇଁ ମଧ୍ୟ ଏ ପର୍ଯ୍ୟନ୍ତ ସକ୍ଷମ ହୋଇନାହିଁ। ଏହାର ବଡ଼ କାରଣ ହେଉଛି ଏମାନଙ୍କର ପ୍ରାର୍ଥୀ ଚୟନରେ ଗ୍ରହଣୀୟତା, ଦକ୍ଷତା, ପ୍ରଭାବ ଓ ସଂଗଠନକୁ ଗୁରୁତ୍ୱ ଦେଉନାହାଁନ୍ତି। ଅନେକ ଜାଗାରେ ଟଙ୍କା ନେଇ ଟିକେଟ ବିକ୍ରି କରିଥିବାର ଅପବାଦ ଓଡ଼ିଶା ବିଜେପି ମୁଣ୍ଡରେ ଅଛି। ଜଟଣୀର କାଲୁ ବାବୁଙ୍କ ଅଭିଯୋଗ ଏହାର ବଡ଼ ପ୍ରମାଣ। ଓଡ଼ିଶା ବିଜେପିର ବଡ଼ ଚେହେରା ଆଉ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ? ପାଣ୍ଡିଆନଙ୍କ ଏ ପ୍ରଶ୍ନର ଉତ୍ତର ବିଜେପି ଦେଇପାରିବ କି? ବିଜେଡ଼ି ପରି ଏକ ତୃଣମୂଳ ସ୍ତରରୁ ସଂଗଠିତ ହୋଇଥିବା ଦଳ ବିରୁଦ୍ଧରେ ଲଢ଼ିବାକୁ ଏ ପର୍ଯ୍ୟନ୍ତ ବିଜେପି ସମର୍ଥ ହୋଇପାରିନାହିଁ।

ଭାରତରେ ମୋଦିଜୀଙ୍କ ଲହର ଥିଲେ ମଧ୍ୟ ଓଡ଼ିଶାରେ କିନ୍ତୁ ନବୀନ ଲହର ଆଉ ବିଜେଡ଼ିର ସୁଶାସନ, ଓଡ଼ିଶା ବିଜେପିର ବିଜୟକୁ ଅଟକାଇବା ପାଇଁ ଯଥେଷ୍ଟ। କଟକ ବାରବାଟୀର ବିଜେପିର ଅନ୍ଦର ମହଲର ଆଉ ତୃଣମୂଳସ୍ତରର କର୍ମୀ ମାନଙ୍କ ତୀବ୍ର ଅସନ୍ତୋଷ କଂଗ୍ରେସ ପ୍ରାର୍ଥୀଙ୍କ ବିଜୟର କାରଣ ହେବ। ଏପରି ଅନେକ ବିଧାନସଭା ସିଟ ରହିଛି ଯେଉଁଠି ବିଜେପିକୁ ମସ୍ତବଡ଼ ମୂଲ୍ୟ ଦେବାକୁ ଯାଇ ସେମାନଙ୍କ ପ୍ରାର୍ଥୀମାନେ ହାରିବା ଥୟ। ରାଜନୈତିକ ସମୀକ୍ଷକଙ୍କ କଥା ଏଇଆ ଯେ କେନ୍ଦ୍ରୀୟ ବିଜେପି ପାଖରେ ଓଡ଼ିଶା ବିଜେପିର ବେପରୁଆ ଢ଼ଙ୍ଗରଙ୍ଗ, ନିର୍ବାଚନୀ ପରିଚାଳନା ଆଉ ରଣନୀତି ସମ୍ପର୍କରେ କୌଣସି ଖବର ପହଞ୍ଚୁନାହିଁ। ତୃଣମୂଳ ସ୍ତରରେ ଗ୍ରହଣୀୟ, ପ୍ରଭାବୀ ନେତା ମାନଙ୍କୁ ଦଳ ମର୍ଯ୍ୟାଦା ଦେଉନି କି ଆଦର କରୁନି। ତେଣୁ ମୋଦି ଲହର ଓଡ଼ିଶା ବିଜେପି ପାଇଁ ଆଦୌ ବଳଦେବ ନାହିଁ। ସେହିପରି ବିଜେପିରେ ମଧ୍ୟ କିଛି ଗୃହ ଶତ୍ରୁ ବିଭୀଷଣ ରହିଛନ୍ତି ଯେଉଁମାନେ ଶାସକ ବିଜେଡ଼ି ପାଇଁ କାମ କରୁଛନ୍ତି ପ୍ରତିବଦଳରେ ନିଜ ସୁବିଧା ସୁଯୋଗକୁ ନେଇ ସନ୍ତୁଷ୍ଟ। ଏହିପରି ପ୍ରମୁଖ ଦିଗକୁ ଓଡ଼ିଶା ବିଜେପି ଯେ ପର୍ଯ୍ୟନ୍ତ ନଜର ଅନ୍ଦାଜ କରିଛି ସେ ପର୍ଯ୍ୟନ୍ତ ଓଡ଼ିଶା ବିଜେପିର ବିଜୟ ସୂର୍ଯ୍ୟ ଅସ୍ତମିତ ନିଶ୍ଚୟ। ତେଣୁ ବେଳ ଥାଉ ଥାଉ ପାଗ ବାନ୍ଧିବା ପରି ଦଳର ଶୀର୍ଷ ମହଲ ଏ ନେଇ ତନାଘନା କରନ୍ତୁ ଆଉ କସରତ କରି ଗ୍ରହଣୀୟ ପ୍ରଭାବୀ ନେତା ମାନଙ୍କ ମାର୍ଗଦର୍ଶନକୁ ବିଚାର କରି ଟାଳିପକା ଉଦ୍ୟମ କଲେ ହୁଏତ କିଛିଟା ଫଳ ମିଳିପାରେ। କିନ୍ତୁ ଆମେ ତ ଭଗବାନ ନୁହେଁ ନାଁ, ଜନତା ଜନାର୍ଦ୍ଦନଙ୍କ ଅନ୍ତର କଥା କିପରି ବା ବୁଝିପାରିବୁ? ଆମ ସମସ୍ତଙ୍କ ଉତ୍ତର ଜୁନରେ ଭୋଟ ଫଳ ଦେଇଦେବେନି!

ସିଡ଼ିଏ, କଟକ,
ଦୂରଭାଷ : ୮୯୨୬୨୮୧୭୦୭




# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦ୍ଧାରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଈ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍‌ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇôକ୍ଷଶ୍ପ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ।ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ।ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି।


MAHARISHI PUBLIC SCHOOL

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




# ଧର୍ମ ପରିବର୍ତ୍ତନ ନା ହୃଦୟ ପରିବର୍ତ୍ତନ !

ନିକଟରେ ରାଜଧାନୀ ଦିଲ୍ଲୀର ଆମ୍ବେଦକର ଭବନଠାରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ସମସ୍ତେ ଏକ ସ୍ୱରରେ କହୁଥିଲେ କୃଷ୍ଣ ଭଗବାନ କିଏ? ରାମଙ୍କୁ ଆମେ କାହିଁକି ମାନିବୁ? ଶିବ ଗଞ୍ଜୋଡ଼ ଇତ୍ୟାଦି। ମନ ଭିତରେ ସେମାନଙ୍କର ଭୀଷଣ କ୍ଷୋଭ ଓ ବିରକ୍ତିକର ଭାବନା ବାରି ହୋଇପଡୁଥିଲା। ଗତ ମାସର ପ୍ରଥମ ସପ୍ତାହରେ ଘଟିଥିବା ଏହି ମତାନ୍ତରଣ ଆମ ସମସ୍ତଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ଚିନ୍ତା କରିବାକୁ ବାଧ କରିବ। ଆୟୋଜକମାନେ ଦାବି କରନ୍ତି ଯେ, ଆମ ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଇଚ୍ଛା ଅନୁସାରେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ଦେଇଆସିଛି। ଏହି କାର୍ଯ୍ୟକ୍ରମରେ ଦଶହଜାର (ଦଳିତ) ଜନଜାତିବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କରି ବୌଦ୍ଧଧର୍ମ ଗ୍ରହଣ କଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏକସଙ୍ଗରେ ଦଶ ହଜାର ବ୍ୟକ୍ତିଙ୍କୁ କିପରି ହିନ୍ଦୁଧର୍ମ ଅସହ୍ୟବୋଧ ହେଲା, ବୌଦ୍ଧମତ ପ୍ରତି ଆସ୍ଥା ଘନୀଭୂତ ହେଲା? କାର୍ଯ୍ୟକ୍ରମଟିରେ ମନ୍ତ୍ରୀ ରାଜେନ୍ଦ୍ର ପାଲ ଗୌତମଙ୍କର ସକ୍ରିୟତା ବିବାଦାସ୍ପଦ ମନେହୁଏ। ସମାରୋହରେ ବାବାସାହେବ ଆମ୍ବେଦକରଙ୍କ ନାତି ରାଜରତ୍ନ ଆମ୍ବେଦକର ଉପସ୍ଥିତ ଥିଲେ। ସେ ଲୋକମାନଙ୍କୁ ହିନ୍ଦୁ ଦେବଦେବୀଙ୍କୁ ନ ମାନିବା, ପୂଜାପାଠ ନ କରିବା ଆଦି ପ୍ରତିଜ୍ଞା କରାଉଥିଲେ। ତାଙ୍କ ବକ୍ତବ୍ୟରେ ଭାରତୀୟ ସମାଜ ବ୍ୟବସ୍ଥା ପ୍ରତି ଆକ୍ରମଣାତ୍ମକ ମନୋଭାବ ଭରିରହିଥିଲା।

ବାବାସାହେବ ବୌଦ୍ଧ ଭିକ୍ଷୁ ନଥିଲେ ବରଂ ଜଣେ ରାଜନୈତିକ ବ୍ୟକ୍ତି ଥିଲେ। ସେ ୧୯୩୫ ମସିହାରେ ହିନ୍ଦୁଧର୍ମ ତ୍ୟାଗ କରିବାକୁ ଘୋଷଣା କରଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ ସମୟରେ ୧୯୫୬ ମସିହାରେ ବୌଦ୍ଧଧର୍ମ ଗ୍ରହଣ କଲେ। ପ୍ରଶ୍ନ ଉଠେ ସେ ଦୀର୍ଘ ୨୦ ବର୍ଷ କାହିଁକି ଅପେକ୍ଷା କଲେ? ତାଙ୍କର ନିଷ୍ପତ୍ତି ଭୁଲ ଥିଲା କି? ବାବାସାହେବ ବୌଦ୍ଧଧର୍ମ ଗ୍ରହଣ କରିବା ପଛର ବଡ଼ କାରଣ ଥିଲା ହିନ୍ଦୁଧର୍ମରେ ଥିବା ପଛୁଆ (ଦଳିତ) ବର୍ଗଙ୍କୁ ସମାନ ଅଧିକାର ଦେବା। ବାବାସାହେବଙ୍କ ଉଦ୍ଦେଶ୍ୟ ମହାନ ଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ତତ୍କାଳୀନ ସମାଜରେ ପଡ଼ିପାରି ନଥିଲା। ବାବା ସାହେବଙ୍କ ପରେ ବହୁ ପଛୁଆ ଦଳିତ ବର୍ଗର ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବରେ କୌଣସି ପରିବର୍ତ୍ତନ ଆସି ନଥିଲା। ଦୀର୍ଘ ୭୦ବର୍ଷ ପରେ ଏବେ ଯଦି ହିନ୍ଦୁ ସମାଜକୁ ଦେଖିବା, ତେବେ ଆଜି ଅନେକ କ୍ଷେତ୍ରରେ ଦଳିତଙ୍କର ସାମାଜିକ ଉତ୍ଥାନ ହୋଇଛି। ସେମାନେ ସବର୍ଣ୍ଣଙ୍କ ସହିତ ସମାନ କିମ୍ବା କେତେକ ସ୍ଥାନରେ ସେମାନଙ୍କଠାରୁ ଅଧିକ ଭଲ ସ୍ଥିତିରେ ଅଛନ୍ତି।

ବାସ୍ତବରେ ଏପରି କ'ଣ ଆବଶ୍ୟକ ପଡ଼ିଲା ଅଥଚ ଦଶ ହଜାର ପଛୁଆ ବର୍ଗର ବ୍ୟକ୍ତି ହିନ୍ଦୁଧର୍ମ ପରିତ୍ୟାଗ କଲେ? ଆୟୋଜକମାନଙ୍କ କାର୍ଯ୍ୟକଳାପକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହେଉଛି। ବାବା ସାହେବଙ୍କର ଉଦ୍ଦେଶ୍ୟ ଥିଲା ସମାଜକୁ ଯୋଡ଼ିବା, ପଛୁଆ ବର୍ଗଙ୍କୁ ସମାନ ଅଧିକାର ପ୍ରଦାନ କରବା। କିନ୍ତୁ ସମ୍ପ୍ରତି ଏହି କାର୍ଯ୍ୟକ୍ରମରୁ ଜଣାପଡୁଛି ଏଠାରେ ସମାଜକୁ ଯୋଡ଼ିବା ବଦଳରେ ବିଭାଜନ କରିବାର ଭାବନା ବେଶି। କୌଣସି ବ୍ୟକ୍ତି ଜୈନ, ବୌଦ୍ଧ ଓ ଶିଖ ମତ ଗ୍ରହଣ କଲେ ତାଙ୍କୁ ଧର୍ମ ପରିବର୍ତ୍ତନ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱୀକାର କରେନାହିଁ। ସେମାନଙ୍କ ଉପରେ କୌଣସି ଆପତ୍ତି ଉଠାଏ ନାହିଁ। କାରଣ ବୌଦ୍ଧମତ ହିନ୍ଦୁଧର୍ମର ଏକ ଉପାଙ୍ଗ ରୂପେ ରହିଆସିଛି। ବର୍ତ୍ତମାନ କେନ୍ଦ୍ରରେ ବିଜେପି ସରକାରଙ୍କୁ ଶାସନରୁ ହଟାଇବା ପାଇଁ ହିନ୍ଦୁଧର୍ମରୁ ଜନଜାତି ପଛୁଆବର୍ଗଙ୍କୁ ଅଲଗା କରିବା ତଥା ମୁସଲମାନଙ୍କୁ ଅଗ୍ରାଧିକାର ଦେବା ଭିତ୍ତିରେ କେଜ୍ରିଓ୍ୱାଲ ସରକାର ଯୋଜନା ପ୍ରସ୍ତୁତ କରୁଛି। ଓଡ଼ିଶାର ଧର୍ମାନ୍ତରୀକରଣ ମଧ୍ୟ ଏକ ସ୍ପର୍ଶକାତର ବିଷୟ। ରାଜ୍ୟ ସରକାର ଏ ପ୍ରସଙ୍ଗରେ ଜାଣିଶୁଣି ଯେପରି ଆଖିବୁଜି ଦେଇଛନ୍ତି ତାହା ଆଗାମୀ ଦିନରେ ଓଡ଼ିଶାର ସଂସ୍କୃତି ତଥା ସମାଜ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ମୁଖ୍ୟମନ୍ତ୍ରୀ ନିକଟରେ ୟୁରୋପ ଗସ୍ତରେ ଯାଇ ପୋପ୍‌ଙ୍କୁ ଯେପରି ସାକ୍ଷାତ କଲେ ତାହା ଓଡ଼ିଶାକୁ ୟୁରୋପୀକରଣ କରିବାର ପ୍ରାକ୍ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ରଖି ଯେତେବେଳେ କାର୍ଯ୍ୟ କରାଯାଏ ସେତେବେଳେ ଧାର୍ମିକ ଆସ୍ଥା କେବଳ ଏକ ବାହାନା ହୋଇଥାଏ। ଦିଲ୍ଲୀର ଆମ୍ବେଦକର ଭବନରେ ଧର୍ମାନ୍ତରୀକରଣ ସମାରୋହ କରାଇଥିବା ବ୍ୟକ୍ତି ରାଜେନ୍ଦ୍ର ପାଲ 'ବୁଦ୍ଧିଷ୍ଟ ସୋସାଇଟ ଅଫ ଇଣ୍ଡିଆ' ଜୟଭୀମ ମିଶନର ରାଷ୍ଟ୍ରୀୟ ସଂରକ୍ଷକ। ଏହି ଜୟଭୀମ ମିଶନ ଓଡ଼ିଶାର ପୁରପଲ୍ଲୀରେ ଥିବା ଜନଜାତି ଅଞ୍ଚଳରେ ମଧ୍ୟ ତା'ର କାର୍ଯ୍ୟ ଆରମ୍ଭ କରିଦେଇଛି। ଓଡ଼ିଶାବାସୀ ସତର୍କ ରହିବା ଆବଶ୍ୟକ। ଧର୍ମ ପରିବର୍ତ୍ତନ ହୃଦୟ ପରିବର୍ତ୍ତନର ବିଷୟ। ରାଜନୈତିକ ଉଦ୍ଦେଶ୍ୟ ରଖି କାହାର ହୃଦୟକୁ ପରିବର୍ତ୍ତନ କରାଯାଇପାରେ ନାହିଁ। ଦେଶ ଦୁନିଆ ପାଇଁ ଏହା ଚିନ୍ତାର କାରଣ।

## ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ସାଧାରଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ପୁରୁଣା ସି.ଟି./ବି.ଏଡ୍. ମହାସଂଘର ଏକ ସାଧାରଣ ବୈଠକ ଭୁବନେଶ୍ୱରସ୍ଥିତ ସଂଘ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ଧନଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମହାସଂଘର ଦାବିଗୁଡ଼ିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ ଓ ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କୁ ପ୍ରଦାନ କରାଯାଇଥିବାର ବିଷୟ ସମ୍ପାଦକ ଶ୍ରୀଯୁକ୍ତ ବାବାଜୀ ଚରଣ ବାରିକ ଉପସ୍ଥିତ ସଭ୍ୟ/ସଭ୍ୟାଙ୍କୁ ସୂଚନା ଦେଇଥିଲେ। ସେତେବେଳର ସରକାରୀ ଦଳର ମୁଖ୍ୟ ସଚେତନ ଶ୍ରୀମତ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଆଗତ ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ବର୍ତ୍ତମାନ ବିଧାନସଭାର ଶିକ୍ଷା ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀଯୁକ୍ତ ଭୂପିନ୍ଦର ସିଂହ ମଧ୍ୟ ଗୃହରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେଣୁ ସରକାରଙ୍କ ଉଦ୍ଦେଶ୍ୟରେ କୌଣସି ବିରୋଧାତ୍ମକ କାର୍ଯ୍ୟ ନ କରି ପୂର୍ଣ୍ଣ ଭରସା ରଖି ତୁରନ୍ତ ବୟସ ଅତିକ୍ରାନ୍ତ ହୋଇଥିବା ସମସ୍ତ ପୁରୁଣା ସି.ଟି./ବି.ଏଡ୍. ଭାଇଭଉଣୀମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ୍‌ରେ ନିଯୁକ୍ତି କରାଯିବାକୁ ସଂଘ ତରଫରୁ ସରକାରଙ୍କ ନିକଟରେ ଦାବି ରଖାଗଲା। ସମସ୍ତ ଅଧିକାରୀଙ୍କ ନିକଟକୁ ସଂଘର ଦାବିପତ୍ରକୁ ତୁରନ୍ତ ପହ ଇବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ବୈଠକରେ ସଂଘର ଉପ-ସଭାପତି ମୀନକେତନ ମିଶ୍ର, ସହ-ସମ୍ପାଦକ ବିନୟ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମନଜା ମଞ୍ଜରୀ ସାହୁ, କଲ୍ୟାଣୀ ସାହୁ, ସୁକାନ୍ତି ନନ୍ଦ, ଗଙ୍ଗାଧର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ବଂଶୀଧର ପାଣି, ଦର୍ଶନ କୁମାର ବିନ୍ଧାଣି, ନାରାୟଣ ଚନ୍ଦ୍ର ବାରିକ, ବିଷ୍ଣୁଚରଣ ଦାଶ, ବିଜୟ ନାୟକ, ସୁଦାମ ଚରଣ ଦାସ, ଜ୍ଞାନରଞ୍ଜନ ପଣ୍ଡା, ଚିତ୍ତରଞ୍ଜନ ବଳିଆରସିଂହ, ବ୍ରହ୍ମାନନ୍ଦ ପଣ୍ଡା, ପ୍ରଫୁଲ୍ଲ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବେହେରା, ଗଗନ ଚନ୍ଦ୍ର ମିଶ୍ର, ଦିବାକର ପ୍ରଧାନ, ବିଦ୍ୟାଧର ସାହୁ, ଓ ଜଗନ୍ନାଥ ସାହୁ ପ୍ରମୁଖ ସଭ୍ୟସଭ୍ୟାମାନେ ଉପସ୍ଥିତ ଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ଉନ୍ମୁରୁମ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ପରିସରରେ କଳା, ସାହିତ୍ୟ ଓ ସଂସ୍କୃତିର ମହାର୍ଘ୍ୟ ପର୍ବ ଉନ୍ମୁରୁମ ଆନ୍ତର୍ଜାତିକ ଉତ୍ସବ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ୟଙ୍ଗହାର୍ଟ ମିଳିତ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର କୁଳପତି ସନ୍ତୋଶ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ସ୍ତରର ଅତିଥି ମାନେ ଯୋଗ ଦେଇଥିବା ବେଳେ ପଦ୍ମଶ୍ରୀ ଇଲିଆନ ସିତାରିଷ୍ଟ, ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଙ୍କୁମିନା ଦାସ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶୈଳେନ୍ଦ୍ର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲରେ ନିଜସ୍ୱ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବିକ୍ରି ଏବଂ ବିଭିନ୍ନ ପ୍ରକାରର ଓଡ଼ିଆ ଘରର ପରମ୍ପରା ଅନୁସାରେ ଖାଦ୍ୟ, ପ୍ରଦର୍ଶନୀ ଏବଂ ବିକ୍ରି କରାଯାଇଥିଲା। ଶେଷରେ ଆମ ପରମ୍ପରାର ସଭାପତି ଶ୍ରୀଯୁକ୍ତ ବିକର୍ତନ ନାୟକ ଜଗନ୍ନାଥଙ୍କ ଭଜନ ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରକୃତି କୋଳରେ ସ୍ନାନର ଅନୁଭବ : ଫରେଷ୍ଟ ବାଥିଂ

ବର୍ତ୍ତମାନର ସମୟକୁ ଦେଖିଲେ ଅନେକ ବ୍ୟସ୍ତବହୁଳ ଜୀବନ ଭିତରେ ଶରୀରର ସୁସ୍ଥତାକୁ ଗୁରୁତ୍ୱ ଦେଇନଥାନ୍ତି କିନ୍ତୁ ପରବର୍ତ୍ତୀ ଯନ୍ତ୍ରଣାସିକ୍ତ ସମୟରେ ସେମାନଙ୍କୁ ଏହା ଅନୁଭବୀ କରିଥାଏ ଯେ ବାସ୍ତବରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆବହମାନ ସମୟରୁ ଆମ୍ଭେମାନେ ପ୍ରକୃତି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ। ମାଟି, ପାଣି ଓ ପବନରେ ଗଢ଼ା ଆମ ଏହି ସ୍ଥୂଳ ଶରୀର ଏବଂ ପ୍ରତିଟି ମଣିଷର ଶରୀର ତତ୍ତ୍ୱରେ ଏହି ତିନୋଟି ଉପାଦାନର ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଉପଲବ୍ଧି ରହିଛି। ବର୍ତ୍ତମାନର ବସ୍ତୁସର୍ବସ୍ୱ ଓ ବୃତ୍ତିଗତ କ୍ଷେତ୍ରକୁ ନେଇ ଧାଁ ଧଉଡ ଜୀବନ ଭିତରେ ସମସ୍ତେ ଅନେକ ସମୟରେ କ୍ଲାନ୍ତ ବା ଶରୀରର ଅବସନ୍ନକୁ ଅନୁଭବ କରନ୍ତି। ସେମାନେ କିଛି ବିଶ୍ରାମ ଚାହିଁଥାନ୍ତି କିନ୍ତୁ ସେମାନଙ୍କ ବିଶ୍ରାମ ପରୋକ୍ଷ ଭାବେ ସେମାନଙ୍କର କାର୍ଯ୍ୟ ବ୍ୟସ୍ତତା ଭିତରେ ବାଧା ପହଞ୍ଚାଇଥାଏ। କିନ୍ତୁ ବାସ୍ତବ କଥା ହେଉଛି ଶରୀର ରଖି ହିଁ ଜୀବନ ଧର୍ମ ସାଧନ କରିବା କଥା ଯାହାକି ଅନେକ ସମୟରେ ଆମେ ଜାଣି ମଧ୍ୟ ଏହାକୁ କାର୍ଯ୍ୟରେ ପରିଣତ କରିନଥାଉ। ସୁସ୍ଥ ରହିବା ପାଇଁ ମଣିଷ ଯୋଗ, ବ୍ୟାୟାମ ଠାରୁ ସୁଷମ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଯାଏ କ'ଣ ନକରେ। କିଛି ଲୋକ ଶରୀରକୁ ସତେଜ ରଖିବା ପାଇଁ କେତେବେଳେ ଷ୍ଟିମ ବାଥ, ମଡ଼ ବାଥ ଭଳି ପଦ୍ଧତି ଆପଣେଇଥାଆନ୍ତି। କିନ୍ତୁ ଫରେଷ୍ଟ ବାଥ। ମାନେ ଝରଣାରେ ଗାଧୋଇ ପଡ଼ିଲେ ତାହା ଜଙ୍ଗଲ ସ୍ନାନ ସହିତ ସମାନ ହୋଇଯିବ। କିନ୍ତୁ ଏହି ଧାରଣା ବି ଠିକ ନୁହେଁ। ଜଙ୍ଗଲ ସ୍ନାନ ହେଉଛି ଏକ ନିର୍ଦ୍ଦିଷ୍ଟ ପଦ୍ଧତି। ଜୀବନକୁ ଚାପମୁକ୍ତ, ସ୍ୱାସ୍ଥ୍ୟକର ତଥା ସୁଖଦ କରିବା ପାଇଁ ଜାପାନିମାନେ ପ୍ରଥମେ ଜଙ୍ଗଲ ସ୍ନାନ ପଦ୍ଧତି ଆରମ୍ଭ କରିଥିଲେ। ଏଥିରେ ଅତ୍ୟଧିକ ଓ୍ୱାର୍କଆଉଟ କରିବାକୁ ପଡ଼ିବ ନାହିଁ, ଜିମ୍ ଯିବାକୁ ହେବ ନାହିଁ। ତଥାପି ଜୀବନକୁ ସହଜ ଓ ସୁନ୍ଦର କରାଯାଇପାରିବ। ଜଙ୍ଗଲ ସ୍ନାନ କହିଲେ ଘଞ୍ଚ ଜଙ୍ଗଲର ଗାଢ଼ ସବୁଜିମା ମଧ୍ୟରେ କିଛି ଘଣ୍ଟା ଶାନ୍ତିରେ ଚଲାବୁଲା କରିବା।

ଅନେକ ହୁଏତ ଜାଣିନଥାନ୍ତି ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଜାପାନି ବିଶେଷଜ୍ଞମାନେ ଫରେଷ୍ଟ ବାଥିଂ ବା ଜଙ୍ଗଲ ସ୍ନାନର ଧାରଣା ସୃଷ୍ଟି କରିଥିଲେ। ଜାପାନର ସୀମା ଅତିକ୍ରମ କରି ଏବେ ଏହି ପଦ୍ଧତି ଅନ୍ୟାନ୍ୟ ଦେଶକୁ ପ୍ରସରି ଗଲାଣି। ଜଙ୍ଗଲ ସ୍ନାନ ଟ୍ରେକିଂ ବା ହାଇକିଂ ସହିତ ସମାନ ନୁହେଁ। ଜାପାନରେ ଏହି ପଦ୍ଧତିକୁ ଶିନ୍ରିନ ୟୋକୁ କୁହାଯାଏ। ଜାପାନି ବିଶେଷଜ୍ଞମାନଙ୍କ ଅନୁସାରେ ଜଙ୍ଗଲ ମଧ୍ୟର ହାଲୁକା ଚଲାବୁଲା କରିବା ଦ୍ୱାରା ଥକ୍କାପଣ, ଅବସାଦଜନିତ ଦୁର୍ବଳତା ଆଦି ଦୂରେଇଥାଏ। ତେବେ ଜଙ୍ଗଲ ସ୍ନାନ ସମୟରେ ଗପିବା, ମୋବାଇଲ ଦେଖିବା ଆଦିରୁ ବିରତ ରହିବାକୁ ପଡ଼ିବ। ଜଙ୍ଗଲ ଭିତରର ପରିବେଶ ବିଶୁଦ୍ଧ। ସେହି ପରିବେଶରେ କିଛି ସମୟ ଚଲାବୁଲା କଲେ ଶରୀର ମଧ୍ୟକୁ ଶୁଦ୍ଧ ଅମ୍ଳଜାନ ଯାଇଥାଏ। ମନ ଭିତରୁ ନକାରାତ୍ମକ ଭାବନା ଆପେ ଆପେ ଦୂରେଇ ଯାଇଥାଏ। ଜଙ୍ଗଲ ସ୍ନାନକୁ ନେଇ ଏହା ମଧ୍ୟରେ ବେଶ କେତୋଟି ଅଧ୍ୟୟନ ହୋଇସାରିଛି। ପ୍ରାୟ ସବୁ ଅଧ୍ୟୟନରେ ସମାନ ନିର୍ଯ୍ୟାସ ଦେଖିବାକୁ ମିଳିଛି ଯେ ଏହି ପଦ୍ଧତି ଆପଣେଇଥିବା ଲୋକଙ୍କ ମଧ୍ୟରେ ରକ୍ତଚାପ, ହୃଦଘାତ, ମଧୁମେହ, ମାନସିକ ଚାପ ଭଳି ସମସ୍ୟା ଅନେକାଂଶରେ କମିଯାଇଛି। ଉପରୋକ୍ତ ଫରେଷ୍ଟ ବାଥିଂ ନିଶ୍ଚିନ୍ତ ଭାବେ ଶରୀରକୁ ଉପଶମ ଦେବ। ପ୍ରକୃତି କୋଳରେ କିଛି ମୁହୂର୍ତ୍ତ ବିତାଇ ବିଶୁଦ୍ଧ ଅମ୍ଳଜାନ ଶରୀର ଭିତରକୁ ନେବା ସହ ଶାନ୍ତି, ସ୍ନିଗ୍ଧ ଅମୃତମୟ ପରିବେଶ ଆମ୍ଭ ମାନଙ୍କ ସ୍ୱାସ୍ଥ୍ୟ ଜୀବନଚର୍ଯ୍ୟାକୁ ଏକ ଦିବ୍ୟ ଆନନ୍ଦରେ ପରିଣତ କରିପାରିବ। ଏ କ୍ଷେତ୍ରରେ ଆମ୍ଭମାନଙ୍କର ମାନସିକତା ସର୍ବାଦୌ ପ୍ରାଥମିକତା। କାରଣ ଆମେ ଇଚ୍ଛା ନକଲେ ଏ ଆନନ୍ଦ ପାଇ ପାରିବା ନାହିଁ ଯାହାପାଖରେ ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ କିଛି ହିଁ ନୁହେଁ। ସ୍ୱାସ୍ଥ୍ୟ ଯେ ଶ୍ରେଷ୍ଠ ସମ୍ପଦ ଏବଂ ନିରୋଳା ଶାନ୍ତ ପରିବେଶ ଭିତରେ ଆମ୍ଭେମାନେ କିପରି ଯେ ଅଶାନ୍ତମୟ ଜୀବନକୁ ଅତିବାହିତ କରୁଛେ ତାର ବଡ଼ ପ୍ରମାଣ ଏହି ଫରେଷ୍ଟ ବାଥିଂ ହିଁ ଦେଇଥାଏ। ଜୀବନରେ କେବେ ସୁଯୋଗ ପାଇଲେ ଏପରି ଦିବ୍ୟ ଆନନ୍ଦକୁ ହାତଛଡ଼ା କରନ୍ତୁନାହିଁ।

## ଜିଲ୍ଲାସ୍ତରୀୟ "ସମ୍ବିଧାନ ଦିବସ" ପାଳନ ଅବସରରେ ମୁଖବନ୍ଧ ପାଠ ଅନୁଷ୍ଠିତ

ବାଲେଶ୍ୱର (ପିଏନ୍)- ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୯ ମସିହା ନଭେମ୍ବର ମାସ ୨୬ ତାରିଖରେ ଭାରତବର୍ଷ ନିଜକୁ ଦେଇଥିଲା ଏହାର ସମ୍ବିଧାନ। ଭାରତ ସମ୍ବିଧାନର ପିତା ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ସମ୍ବିଧାନ ପ୍ରଣୟନ ସଭାରେ ଗୃହୀତ ହେବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଆମ ସମ୍ବିଧାନ ଅଙ୍ଗୀକୃତ, ଅଧିନିୟମିତ ତଥା ଆତ୍ମାର୍ପିତ ହୋଇଥିଲା। ଏହି ନଭେମ୍ବର ୨୬ ତାରିଖ ଦିନଟିକୁ ଭାରତବର୍ଷର ସମ୍ବିଧାନ ଦିବସ ରୂପେ ପାଳନ କରାଯାଇଆସୁଅଛି। ଆମ ରାଜ୍ୟରେ ଏହା ବିଭିନ୍ନ ସରକାରୀ ତଥା ବେସରକାରୀ ସ୍ତରରେ ଭିନ୍ନ ଭିନ୍ନ ଅନୁଷ୍ଠାନର ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି। ଆମ ସମ୍ବିଧାନର ପ୍ରାରମ୍ଭରେ ଏହାର ମୁଖବନ୍ଧ ସ୍ଥାନିତ ହୋଇଅଛି ଯାହାକୁ ସମ୍ବିଧାନର ଆତ୍ମା କୁହାଯାଇଥାଏ। ସମ୍ବିଧାନ ଦିବସ ପାଳନର ଏକ ମୁଖ୍ୟ ଅଂଶ ହେଉଛି ସମସ୍ତ ନାଗରିକଙ୍କ ଦ୍ୱାରା ମୁଖବନ୍ଧ ପାଠ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀଙ୍କୁ ନେଇ ଏହି ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ କର୍ମଚାରୀ ଓ ଅନ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ଶ୍ରୀ ସିତାଂଶୁ ଦାସ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶୀଷ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଅବକାରୀ ଅଧକ୍ଷକ ଓ ଅନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ମୁଖବନ୍ଧ ପାଠରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି ପ୍ରଥମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ ଏବଂ ତତ୍ ପରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ନିଲୁ ମହାପାତ୍ର ମୁଖବନ୍ଧ ପାଠ କରାଇଥିଲେ।

## ଗାନ୍ଧୀଙ୍କ ପ୍ରାସଙ୍ଗିକତା ସର୍ବଦା ରହିଛି



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ଶହୀଦନଗର କାର୍ଯ୍ୟାଳୟଠାରେ ସାମାଜିକ ବୌଦ୍ଧିକ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଚିନ୍ତାଧାରାକୁ ନେଇ ଗଠିତ ଅନୁଷ୍ଠାନ "ହର ଦିଲମେଁ ଗାନ୍ଧୀ"ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ଆଦର୍ଶ, ଚିନ୍ତାଧାରାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ପାଖରେ ପହ ଇବା ତଥା ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ଏକତ୍ର କରି ଗାନ୍ଧୀଙ୍କ ଚିନ୍ତାଧାରା, କାର୍ଯ୍ୟ, ମୂଲ୍ୟବୋଧ ତଥା ଦେଶପ୍ରେମର ଅର୍ଗ୍ନି ସମାଜରେ ପରିବ୍ୟାପ୍ତ କରିବା ଲକ୍ଷ୍ୟକୁ ନେଇ ଉକ୍ତ ବୈଠକ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନର ଆବାହକ, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଗାନ୍ଧିବାଦୀ ବିଜୟ ତ୍ରିପାଠୀ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ନାରାୟଣ ସେବା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ସଂଗ୍ରାମୀ ଦାୟାଦ ରାଜକୁମାର ଜେନା ଯୋଗଦେଇ ଗାନ୍ଧୀଙ୍କ ନୀତି, ଆଦର୍ଶ ଯୁଗେଯୁଗେ ରହିଛି ଓ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସମାଜସେବୀ ଶରତ ଚନ୍ଦ୍ର ପ୍ରଧାନ।

## ନୀଳଗିରି ଅ ଳରୁ ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)-ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଅ ଳରୁ ବ୍ରାଉନ ସୁଗାର ଜବତ କରାଯାଇଛି। ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୨୪୨ ଗ୍ରାମ ଧଳା ଜହର ଜବତ ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣଙ୍କ ହେଲେ ସନ୍ତରାଗଡ଼ିଆ ନିକଟ ଯୁକ ଗାଡ଼ିଆ ଅ ଳର ପର୍ଶୁରାମ ପାଣିଗ୍ରାହୀ। ଏବେ କିଛିଦିନ ହେଲା ପର୍ଶୁରାମ ଗାଁରେ ବ୍ରାଉନସୁଗାର କାରବାର ଚଳାଇ ଆସୁଥିଲା। ତେବେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ୫ ହଜାର ଟଙ୍କା ନଗଦ ଜବତ ସହ ୨୪ ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ କରାଯାଇଛି।

## ଇଫ୍‌କୋ ପକ୍ଷରୁ ଗୋମଙ୍ଗଳ ସମିତିକୁ ଗୋଖାଦ୍ୟ ପ୍ରଦାନ



ପାରାଦୀପ (ପିଏନ୍)-କେନ୍ଦ୍ରାପଡାରେ ଥିବା ଶ୍ରୀଶ୍ରୀ ସିଦ୍ଧବଳଦେବ ଜିଉ ଗୋମଙ୍ଗଳ ସମିତିକୁ ପାରାଦୀପ ଇଫକୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଏହି ଗୋମଙ୍ଗଳ ସମିତିରେ ୬୦ରୁ ଉର୍ଦ୍ଧ୍ୱ ଗାଇଗୋରୁ ରହୁଥିବା ବେଳେ ଆର୍ଥିକ ସଂକଟ ଯୋଗୁଁ ସେମାନଙ୍କୁ ସଠିକ ଭାବେ ଗୋଖାଦ୍ୟ ଯୋଗାଯାଇପାରୁ ନଥିବାରୁ ସମିତି ପକ୍ଷରୁ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ କେ.ଜେ. ପଟେଲଙ୍କୁ ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା। ଏହି ମର୍ମରେ ଇଫକୋ କର୍ତ୍ତୃପକ୍ଷ ତୁରନ୍ତ ଦୁଇ ଟନରୁ ଉର୍ଦ୍ଧ୍ୱ ଗୋଖାଦ୍ୟ ସାମଗ୍ରୀ ଏହି ଗୋମଙ୍ଗଳ ସମିତିକୁ ପ୍ରଦାନ କରିଥିଲେ। ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରଶନ୍ନ କୁମାର ବେଉରାଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ପହଁଚି ସମିତିର ସଭାପତି ଫକିର ଚରଣ ଖଟୁଆ, ସମ୍ପାଦକ ସୁଶିଲ କୁମାର ସାମଲ ଏବଂ ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ସୂଚନା ଥାଉକି, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲା ସମେତ ଓଡିଶାର ବିଭିନ୍ନ ସ୍ଥାନରେ ଇଫକୋ ପକ୍ଷରୁ ଏଭଳି ଜନମଙ୍ଗଳକାରୀ କାର୍ଯ୍ୟ ଜାରୀ ରହିଛି ବୋଲି ଶ୍ରୀ ବେଉରା କହିଛନ୍ତି।

## ସ୍ୱାଧିନ ବିଧାୟକ ପ୍ରାର୍ଥି ଭାବେ ନାମଙ୍କନ ପତ୍ର ଦାଖଲ କଲେ ହିମାଂଶୁ

ଜେନାପୁର,(ପି.ଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସ୍ୱାଧିନ ବିଧାୟକ ପ୍ରାର୍ଥୀ ଭାବରେ ଯୁବନେତା ହିମାଂଶୁ ଶେଖର ସାହୁଙ୍କ ଏକ ବିଶାଳ ବାଇକ୍ ପଟୁଆରରେ ନାମାଙ୍କନ ପତ୍ର ଦାଖଲ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ୫୪ ଗୋଟି ପଞ୍ଚାୟତରୁ ପ୍ରାୟତଃ ହଜାର ହଜାର ଲୋକଙ୍କୁ ନେଇ ବିରାଟ ବାଇକ୍ ଶୋଭାଯାତ୍ରା ମାଧ୍ୟମର ବାହାରି ନାମଙ୍କନ ପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ଏଭଳି ଭିଡ ହୋଇଥିଲା ଯେ କିଛି ଲୋକ ନଯାଇ ପାରି ନାମଙ୍କନ ପତ୍ର ଦାଖଲ କରି ଫେରିବା ବାଟକୁ ଚାହିଁ ରହିଥିଲେ। ଏବଂ ଦିବା ୨ ଘଟିକାରେ କୁଆଖିଆ ରୁ ଚଣ୍ଡିଖୋଲ ଅଭିମୁଖେ ଏକ ବିଶାଳ ଜନସମାବେଶ ସହିତ ବିରାଟ ପଟୁଆରେ ନିଜର ଶକ୍ତି ପଦର୍ଶନ କରିଥିଲେ। ହିମାଂଶୁ କହିଥିଲେ ଯେ ବିନା ମଦ ମାଂସ ଖର୍ଚ୍ଚରେ ସମର୍ଥକମାନେ ଆପଣା ଛାଏ ଯୋଗଦେବା ପାଇଁ ବିପୁଳ ସମର୍ଥନ ମିଳୁଛି।

## ପାରାଦୀପ ବନ୍ଦର ଏସସି/ଏସଟି ଆସୋସିଏସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଏସସି/ଏସଟି ଓ୍ୱେଲଫେୟାର ଆସୋସିଏସନ ପକ୍ଷରୁ ପାରାଦୀପସ୍ଥିତ ଡଃ. ବି.ଆର. ଆମ୍ବେଦକର ପାର୍କ ପରିସରରେ ୧୬୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆସୋସିଏସନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଭାରତରତ୍ନ ଡଃ. ବି.ଆର. ଆମ୍ବେଦରଙ୍କ ପ୍ରତିମୂର୍ତ୍ତିରେ ସାଧାରଣ ସମ୍ପାଦକ ଧୁନଚନ୍ଦ୍ର ତରାଇ, ସହସମ୍ପାଦକ ଅଜୟ କୁମାର ବେହେରା, ବନ୍ଦରର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ବର୍ତମାନର ଟ୍ରଷ୍ଟି ସୁନିଲକାନ୍ତ ଦାସ, ଲିତାରାମ ହାଇବ୍ରୁ, ବିପ୍ଳବ କୁମାର ଜେନା, ମହେଶ୍ୱର ସୋରେନଙ୍କ ସମେତ ଅନ୍ୟ ବହୁ ସଦସ୍ୟମାନେ ମାଲ୍ୟାର୍ପଣ କରି ସମ୍ବିଧାନ ଦିବସ ପାଳନ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

Bhubaneswar Tuesday May 14, 2024 | ଭୁବନେଶ୍ୱର ମଙ୍ଗଳବାର, ମଇ ୧୪,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

## ନାମାଙ୍କନର ସପ୍ତମ ଦିବସରେ ଲୋକସଭା ପାଇଁ ୩ଜଣ ଓ ବିଧାନସଭା ପାଇଁ ୧୩ଜଣଙ୍କ ମନୋନୟନପତ୍ର ଦାଖଲ



କେନ୍ଦ୍ରାପଡ଼ା, ୧୩।୫: ନାମାଙ୍କନର ସପ୍ତମ ଦିବସରେ ଆଜି ଲୋକସଭା କ୍ଷେତ୍ର ପାଇଁ ୩ଜଣ ଓ ବିଧାନସଭା କ୍ଷେତ୍ର ପାଇଁ ୧୩ଜଣ ମନୋନୟନପତ୍ର ଦାଖଲ କରିଛନ୍ତି। ଲୋକସଭା ଆସନ ପାଇଁ ଭାରତୀୟ ଜାତୀୟ କଂଗ୍ରେସର ପକ୍ଷରୁ ସିଦ୍ଧାର୍ଥସ୍ୱରୂପ ଦାଶ ତିନିମୁହାଣିଛକରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ମଧ ଦେଇ ଆସି ୧୫-କେନ୍ଦ୍ରାପଡା ଲୋକସଭା ରିଟର୍ଣ୍ଣିଂ ଅଫିସର ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିଥିବା ବେଳେ ବିଏସପିରୁ ସେକ ସାଦିକ ହୋସେନ ପୁରୁଣାବସଷ୍ଟାଣ୍ଡ ନିକଟରୁ ଏକ ରାଲିରେ ଆସି ମନୋନୟନପତ୍ର ଦାକଲ କରିଥିଲେ। ସେହିଭଳି ସ୍ୱାଧୀନପ୍ରାର୍ଥୀ ଭାବେ ସୁପ୍ରଭା ଦାଶ ମନୋନୟନପତ୍ର ଦାଖଲ କରିଛନ୍ତି। ୯୬-ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ତେଜେଶ୍ୱର ପରିଡା ଏକ ଶୋଭାଯାତ୍ରାରେ ଆହି ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିଥିବା ବେଳେ ୯୭-କେନ୍ଦ୍ରାପଡା(ଅନୁସୂଚିତ ଜାତି) ଆସନ ନିମନ୍ତେ ଭାରତୀୟ ଜାତୀୟ କଂଗ୍ରେସରୁ ସିପ୍ରା ମଲ୍ଲିକ ତିନିମୁହାଣିଛକରୁ ସଂସଦ ପ୍ରାର୍ଥୀଙ୍କ ସହ ଏକ ଶୋଭାଯାତ୍ରାରେ ଆସି ମନୋନୟନପତ୍ର ଦାଖଲ କରିଥିବା ବେଳେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଗିତାଞ୍ଜଳି ସେଠୀ ତିନିମୁହାସ୍ଥିତ ରାମମନ୍ଦିର ପରିସରରୁ ଏକ ଶୋଭାଯାତ୍ରାରେ ଆସି ମନୋନୟନପତ୍ର ଦାଖଲ କରିଥିଲେ। ବିଏସପି ପ୍ରାର୍ଥୀ ରଞ୍ଜନ ମଲିକ ମଧ ମନୋନୟନପତ୍ର ଦାଖଲ କରିଛନ୍ତି। ୯୮-ଆଳି ବିଧାନସଭା କ୍ଷେତ୍ର ନିମନ୍ତେ ଭାରତୀୟ ଜାତୀୟ କଂଗ୍ରେସରୁ ଦେବସ୍ମିତା ଶର୍ମା ଆଳିସ୍ଥିତ ବରାହଜୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା କରି ଏକ ବିଶାଳ ଶୋଭାଯାତ୍ରାରେ କେନ୍ଦ୍ରାପଡାରେ ପହ ି ରିଟର୍ଣ୍ଣିଂ ଅଫିସର ପିତାମ୍ବର ସାମଲଙ୍କ ନିକଟରେ ମନୋନୟନପତ୍ର ଦାଖଲ କରିଥିବା ବେଳେ ବିଜେଡିରୁ ପ୍ରତାପ କେଶରୀ ଦେବ ମନୋନୟନପତ୍ର ଦାଖଲ କରିଛନ୍ତି। ୯୯-ରାଜନଗର ବିଧାନସଭା କ୍ଷେତ୍ରରୁ ଭାରତୀୟ ଜନତା ପାର୍ଟିରୁ ଲଳିତ କୁମାର ବେହେରା, ଭାରତୀୟ ଜାତିୟ କଂଗ୍ରେସର ଅଶୋକ କୁମାର ପ୍ରତିହାରୀ ମନୋନୟନପତ୍ର ଦାଖଲ କରିଥିବା ବେଳେ ସ୍ୱାଧୀନପ୍ରାର୍ଥୀ ଭାବେ ଜୀବନକୃଷ୍ଣ ରାଏ ଓ ମହେନ୍ଦ୍ର ବାଇ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୧୦୦-ମହାକାଳପଡା ବିଧାନସଭା କ୍ଷେତ୍ରରୁ ଆପ୍ ର ପ୍ରାର୍ଥୀ ଦେବାଶିଷ ଦାସ ମଜଦୁର ବିକାଶ ଦଳର ପ୍ରାର୍ଥୀ ପ୍ରଶାନ୍ତ ରାଉତ ମନୋନୟନପତ୍ର ଦାଖଲ କରିଛନ୍ତି। ଆସନ୍ତାକାଲି ମନୋନୟନପତ୍ର ଦାଖଲର ଶେଷ ଦିନ ରହିଛି।

## ପ୍ରଥମ ପର୍ଯ୍ୟାୟ ମତଦାନରେ ଭୋଟରଙ୍କ ବିପୁଳ ଉତ୍ସାହ

ଭୁବନେଶ୍ୱର,(ପି.ଏନ): ବ୍ରହ୍ମପୁର ଲୋକସଭା ଆସନର ୭ ବିଧାନସଭା ପାଇଁ ୮୬ ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀଙ୍କ ହୃତସ୍ପନ୍ଦନ ବଢ଼ିଛି ପାରଳାଖେମୁଣ୍ଡି, ୧୩/୫(ତାରିଣୀ ପ୍ରସାଦ ପଣ୍ଡା ): ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ଗଜପତି ଜିଲ୍ଲା ଓ ଗଞ୍ଜାମ ଜିଲ୍ଲାରେ ଥିବା ମତଦାନ ଆରମ୍ଭ ହେବା ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ଲୋକସଭା ଓ ଏହା ଅଧୀନରେ ରହିଥିବା ୭ଟି ବିଧାନସଭା ପାଇଁ ଭୋଟ୍ ଗ୍ରହଣ ଚାଲିଛି। ଏଥର ଉଭୟ ଲୋକସଭା ଓ ବିଧାନସଭା ଆସନ ପାଇଁ ବିଭିନ୍ନ ଦଳ ଏବଂ ସ୍ୱାଧୀନ ଭାବେ ମୋଟ ୮୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ଛ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ପାଇଁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମୋଟ ୧୭୦୪ଟି ପୋଲିଂ ଷ୍ଟେସନ୍ କରାଯାଇଛି ବ୍ରହ୍ମପୁର ଲୋକସଭା ଅଧୀନରେ ଥିବା ୧୫ଲକ୍ଷ ୯୦ହଜାର ୬୫୫ ଭୋଟର୍? ରହିଛନ୍ତି. ଆଜି ଭୋଟ ଦାନ ଭୋଟରଙ୍କ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଛି. ଭୋଟର୍ ତାଙ୍କ ପ୍ରିୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ ଏଥିପାଇଁ ଗଞ୍ଜାମ ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନମମଣ୍ଡଳୀ ସମେତ ଗଜପତି ଜିଲ୍ଲାର ଦୁଇଟି ନିର୍ବାଚନମଣ୍ଡଳୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ବୋଲି ଆମ ଗଜପତି ଜିଲ୍ଲା ପ୍ରତିନିଧି ତାରିଣୀ ପ୍ରସାଦ ପଣ୍ଡାଙ୍କୁ ସୂଚନା ଦିଆଯାଇଛିଯେ, ବ୍ରହ୍ମପୁର ଲୋକସଭା ଅଧୀନରେ ଗଞ୍ଜାମ ଜିଲ୍ଲାର ୫ଟି ବିଧାନସଭା ଓ ଗଜପତି ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛିଛ ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ୧୫ଲକ୍ଷ ୯୦ହଜାର ୬୫୫ ଭୋଟର ରହିଛନ୍ତି ଏମାନଙ୍କ ମଧ୍ୟରେ ୭ଲକ୍ଷ ୯୭ହଜାର ୧୪ଜଣ ପୁରୁଷ ଓ ୭ ଲକ୍ଷ ୯୩ ହଜାର ୪୯୨ଜଣ ମହିଳା ଭୋଟର୍? ରହିଛନ୍ତି ସେହିପରି ୧୪୯ଜଣ ତୃତୀୟ ଲିଙ୍ଗ ଭୋଟର୍ ରହିଛନ୍ତି ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ମୋଟ ୨ଲକ୍ଷ ୩୫ହଜାର ୮୦୫ ଭୋଟର୍? ରହିଥିବା ବେଳେ ପୁରୁଷ ଭୋଟର୍?ଙ୍କ ସଂଖ୍ୟା ୧ଲକ୍ଷ ୧୯ହଜାର ୭୪୬ ରହିଛି। ସେହିପରି ମହିଳା ଭୋଟର୍?ଙ୍କ ସଂଖ୍ୟା ୧ଲକ୍ଷ ୧୬ହଜାର ୪୯ ରହିଥିବା ବେଳେ ୧୦ଜଣ ତୃତୀୟ ଲିଙ୍ଗ ଭୋଟର୍ ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀ ପାଇଁ ମୋଟ ୨୪୪ଟି ପୋଲିଂ ଷ୍ଟେସନ୍?ର ବ୍ୟବସ୍ଥା କରାଯାଇଛି। ସେହିପରି ଗୋପାଳପୁରର ମୋଟ ୨ଲକ୍ଷ ୨୬ହଜାର ୫୦ ଭୋଟର୍?ଙ୍କ ମଧ୍ୟରୁ ୧ଲକ୍ଷ ୧୪ହଜାର ୬୫୦ ପୁରୁଷ ଓ ୧ଲକ୍ଷ ୧୧ହଜାର ୩୮୫ ମହିଳା ଭୋଟର୍? ରହିଛନ୍ତି। ଏହା ସହିତ ୧୫ଜଣ ତୃତୀୟ ଲିଙ୍ଗ ଭୋଟର୍? ରହିଛନ୍ତି। ଏହି ନିର୍ବାଚନମଣ୍ଡଳୀ ପାଇଁ ୨୧୬ ପୋଲିଂ ଷ୍ଟେସନ୍ କରାଯାଇଛି। ବ୍ରହ୍ମପୁରର ମୋଟ ୨ଲକ୍ଷ ୨୪ହଜାର ୬୧୫ ଭୋଟର୍?ଙ୍କ ମଧ୍ୟରୁ ୧ଲକ୍ଷ ୧୧ହଜାର ୪୮୪ ପୁରୁଷ, ୧ଲକ୍ଷ ୧୩ହଜାର ୬୧ ମହିଳା ଓ ୭୦ଜଣ ତୃତୀୟ ଲିଙ୍ଗ ଭୋଟର୍ ରହିଛନ୍ତି।

## ଅଭିନବ ଢଙ୍ଗରେ ସାଇବର ଠକେଇ ଉଦ୍ୟମ

ଧର୍ମଶାଳା, (ପିଏନ): ଦେଶ ଓ ରାଜ୍ୟରେ ଏବେ ସାଇବର ଠକେଇ ଦିନକୁ ଦିନ ବଢିବାରେ ଲାଗିଛି। ଯାହାର ଶିକାର ହେଉଛନ୍ତି ନିରିହ ଜନସାଧାରଣ, ସାଇବର କ୍ରାମ କରୁଥିବା ଅପରାଧି ବିଭିନ୍ନ ଉପାୟରେ ନିରିହ ଲୋକମାନଙ୍କ ଠାରୁ ଟଙ୍କା ହଡପ କରି ସର୍ବସ୍ୱାନ୍ତ କରିଦେଉଥିବା ଅନେକ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଉଛି। ତେବେ ଆଜି ଏକ ଅଭିନବ ସାଇବର ଠକେଇ ଶିକାରରୁ ବର୍ତି ଯାଇଛନ୍ତି ଧର୍ମଶାଳା ଥାନା ଦୁବଗାଡିଆ ଅଂଚଳର ଜଣେ ବରିଷ୍ଠ ସାମ୍ବାଦିକ। ସୂଚନା ମୁତାବକ ଧର୍ମଶାଳା ଥାନା ଜାରକା ପଂଚାୟତ ଅନ୍ତର୍ଗତ ଦୁବଗାଡିଆ ମୌଜାରେ ରହୁଥିବା ସାମ୍ବାଦିକ ପ୍ରଶାନ୍ତ ସରଙ୍କ ପାଖକୁ ଶୁକ୍ରବାର ଅପରାହ୍ନ ସାଡେ ଚାରିଟାରେ ୯୨୩୦୪୭୪୭୬୭୯ ନମ୍ବରୁ ଏକ ଭିଡିଓ କଲ ଆସିଥିଲା। ଯୋଉଁଥିରେ ପୁଲିସ ଡ୍ରେସ ପିନ୍ଧିଥିବା ଜଣେ ଠକ ନିଜକୁ ପୁଲିସ ଅଧିକାରୀର ପରିଚୟ ଦେଇ ତାଙ୍କ ପୁଅ ଓ ତାର ୩ଜଣ ସାଙ୍ଗ ଜଣେ ଯୁବତୀକୁ ବଳାତ୍କାର କରିଛନ୍ତି ବୋଲି କହିବା ସହିତ ଆପଣ ପୁଅ ସାଙ୍ଗରେ କଥା ହେବେ କି କହିଥିଲା। ଏହି ସମୟରେ ପୁଲିସ ଡ୍ରେସ ପିନ୍ଧା କିଛି ବ୍ୟକ୍ତି ଜଣେ ଯୁବକଙ୍କୁ ମାରୁଥିଲେ ଏବଂ ସେ କାନ୍ଦୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ପରେ କଲ କରିଥିବା ବ୍ୟକ୍ତି ଜଣକ ପୁଅ କାନ୍ଦୁଛି ସେ କଥା ହୋଇପାରିବ ନାହିଁ ବୋଲି କହିବା ସହ ଆପଣ ୫୦ ହଜାର ଟଙ୍କା ଫୋନପେ କଲେ ଆମେ ତାକୁ ଛାଡି ଦେବୁ ବୋଲି କହିଥିଲା। ସାମ୍ବାଦିକ ଶ୍ରୀ ସର କଟକସ୍ଥିତ ରବିଶଙ୍କର ୟୁନିଭର ସିଟିରେ ପଢୁଥିବା ତାଙ୍କ ପୁଅ ନିକଟକୁ କଲ କରିଥିଲେ ପୁଅ ଫୋନ ଉଠାଇ ସେ ହଷ୍ଟେଲରେ ରହି ଅନଲାଇନରେ କ୍ଲାସ କରୁଛି ବୋଲି କହିଥିଲା।

## ସିବିଏସ୍ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

### କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା



ବିଜ୍ଞାନ: ସ୍ନେହା କୁମାରୀ | ହ୍ୟୁମାନିଟିକ୍ସ: ବସୁନ୍ଧରା ରାୟ | ବାଣିଜ୍ୟ: ପ୍ରିୟଙ୍କା ଦାସ, ପଲକ ସାମନ୍ତରାୟ | ଦଶମ: ଆଦ୍ୟାଶା ଦାସ

ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି। ଏଥିରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସ୍କୁଲ୍‌ର ୪୫ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମରେ ୨୫ ପ୍ରତିଶତ ଛାତ୍ରଛାତ୍ରୀ ୯୫%ରୁ ଅଧିକ ନମ୍ବର ରଖିଛନ୍ତି। ଦଶମରେ ଆଦ୍ୟାଶା ଦାସ ସର୍ବାଧିକ ୯୮ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନରେ ସ୍କୁଲ୍‌ର ଛାତ୍ରୀ ସ୍ନେହା କୁମାରୀ ସର୍ବାଧିକ ୯୭ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଥିବା ବେଳେ ବାଣିଜ୍ୟରେ ପ୍ରିୟଙ୍କା ଦାସ ଓ ପଲକ ସାମନ୍ତରାୟ ସର୍ବାଧିକ ୯୭.୪ ନମ୍ବର ଓ ହ୍ୟୁମାନିଟିଜରେ ବସୁନ୍ଧରା ରାୟ ସର୍ବାଧିକ ୯୭.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପପର ହୋଇଛନ୍ତି। ଚଳିତବର୍ଷ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେନ୍ ଗ୍ଲୋବ୍ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ:

କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ସ୍ପେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍‌ରେ ୧୧ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ପରୀକ୍ଷା ଦେଇଥିଲେ। ସେମାନେ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବ୍ୟକ୍ତିଗତ ଭାବେ ସର୍ବାଧିକ ନମ୍ବର ୮୭% ରହିଛି। ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୬ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି। ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଯତ୍ନ ନିଆଯାଇପାରୁଥିବାରୁ ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି। ମାନସିକସ୍ତରରେ ସେମାନେ ଦୁର୍ବଳ ଥିଲେ ମଧ ବହୁ କଷ୍ଟକରି ସେମାନେ ସଫଳତା ପାଇବା ସ୍କୁଲ୍ ପାଇଁ ଗର୍ବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ଇଂ ଦେବାଶିଷ ଦାଶଙ୍କ ନାମାଙ୍କନ ଦାଖଲ

କେନ୍ଦ୍ରାପଡ଼ା,(ପି.ଏ): ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ଆଜି ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି ଇଂ ଦେବାଶିଷ ଦାଶ। ସକାଳୁ ଯଦୁପୁର ପ ାୟତର ଗୋପିନାଥପୁର ଶାସନର ଗୋଷ୍ଟେଶ୍ୱର ମନ୍ଦିରରୁ ଭଗବାନଙ୍କ ଆଶୀର୍ବାଦ ନେଇ ଶତାଧିକ ଦଳୀୟ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ ବାହାରିଥିଲେ ଶ୍ରୀ ଦାଶ। କେନ୍ଦ୍ରାପଡ଼ା ସହର ଉପକଣ୍ଠ ଦୁହୁରିଆ ଛକ ଦେଇ ଶତାଧିକ ସମର୍ଥକଙ୍କ ସହ ସହର ମଧ୍ୟରେ ପ୍ରବେଶ କଲାବେଳେ ଜନସାଧାରଣଙ୍କ ଅଭୂତପୂର୍ବ ସମର୍ଥନ ଦେଖିବାକୁ ମିଳିଥିଲା। ତାଙ୍କ ସହ ଆମ୍ ଆଦମୀ ପାର୍ଟି ରାଜ୍ୟ ମୁଖପାତ୍ର ତଥା ଜିଲ୍ଲା ସଭାପତି ସନ୍ଦୀପ୍ତ ଦାସ୍ ଉପସ୍ଥିତ ଥିଲେ। ନାମାଙ୍କନ ଦାଖଲ ପରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଇଂ ଦାଶ ମହାକାଳପଡ଼ାରେ ଦିଲ୍ଲୀ ଭଳି ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ ଓ ରୋଜଗାର ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦୃଢୋକ୍ତ ପ୍ରକାଶ କରିଥିଲେ। ଏହି ଶୋଭାଯାତ୍ରାରେ ମହାକାଳପଡ଼ା ଆବାହକ ବୈବମନୁ ବେଉରା, ପ୍ରଭାରୀ ସୂର୍ଯ୍ୟକାନ୍ତ ପରିଡ଼ାଙ୍କ ସମେତ ଶତାଧିକ କାର୍ଯ୍ୟକ ି ଯୋଗଦେଇଥିଲେ।

## ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉଜ୍ଜ୍ୱଳା ଦିଦି କହିଲେ ଚୋର

କେନ୍ଦ୍ରାପଡ଼ା,: ଗୋପ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଉଜ୍ଜ୍ୱଳା ଦିଦିଙ୍କ ଜିଲ୍ଲା ସଭାପତି ଉସାରାଣୀ ରାଉତଙ୍କ ନେତୃତ୍ୱରେ ଏବଂ ସମ୍ପାଦକ ଲକ୍ଷ୍ମୀ ଦାଶଙ୍କ ତତ୍ତ୍ୱାବଧାନରେ ଆଜି ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଉଜ୍ଜ୍ୱଳା ଦିଦିଙ୍କ ରାଜ୍ୟ ସଭାପତି କାଦମ୍ବିନୀ ସ୍ୱାଇଁ ଯୋଗଦେଇ କହିଲେ ଯେ ସେମାନେ ଉଜ୍ଜ୍ୱଳା ଦିଦି ଭାବେ ୨୦୧୯ ମସିହାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୬ ବର୍ଷହେବ ଦିନରାତି ଏକାକାର କରି ନିଜ ପରିବାରକୁ ଭ୍ରୂକ୍ଷେପ ନକରି ବିଭିନ୍ନ ପ ାୟତ ଏବଂ ଗ୍ରାମକୁ ଗ୍ରାମ ବୁଲି ଲୋକ ମାନଙ୍କ ପଖରେ ପହ ି ଗ୍ୟାସ୍ କନେକସନ୍ ଦେବା ସହିତ ରନ୍ଧନ ଗ୍ୟାସ୍ ସେବା ଯୋଗାଇ ଆସୁଛନ୍ତି। ୨୦୧୯ ମସିହାରେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ମନ୍ତ୍ରୀ ଏବଂ ଅମିତ ସାହା ରାଷ୍ଟ୍ରୀୟ ଅଧକ୍ଷ ଥିବା ସମୟରେ ସମଗ୍ର ରାଜ୍ୟର କୋଣ ଅନୁକୋଣରୁ ବିଭିନ୍ନ ବର୍ଗର "ମା" ମାନଙ୍କୁ ଆଣି ଉଜ୍ଜ୍ୱଳା ଦିଦିରୂପେ ନିଯୁକ୍ତି ଦେଇ ସେମାନଙ୍କୁ ପରିଚୟ ପତ୍ର ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ହେଲେ ଏଥି ମଧ୍ୟରେ ଦୀର୍ଘ ୬ ବର୍ଷ ବିତିଯାଇଥିଲେ ସୁଧା କୌଣସି ପାରିଶ୍ରମିକ ନଦେବା କିମ୍ବା ନିଯୁକ୍ତି ଦେବା ବଦଳରେ ସମ୍ବଲପୁରକୁ ଡକାଇ କେନ୍ଦ୍ରମନ୍ତ୍ରୀ ତୁମ ମାନଙ୍କୁ ଆମେ ଚିହ୍ନିନୁ କି ଜାଣିନୁ ବୋଲି କହି ସଭା ସ୍ଥଳରୁ ତାଚ୍ଛଲ୍ୟ କରି ବିଦା କରିଦେବା ଭଳି ସଂଗୀନ ଅଭିଯୋଗ କେନ୍ଦ୍ରର ମୋଦୀ ସରକାର ବିରୋଧରେ ଆଣିବା ସହିତ ପ୍ରତିବାଦ କରି ଧର୍ମେନ୍ଦ୍ର ପ୍ରଧାନ ଗୋ ବ୍ୟାକ୍, ଧର୍ମେନ୍ଦ୍ର ପ୍ରଧାନ ହାଏ, ହାଏ ନାରା ଦେଇ ଆମକୁ ତୁରନ୍ତ ଉଜ୍ଜ୍ୱଳା ଦିଦିର ମାନ୍ୟତା କିମ୍ବା ନିଯୁକ୍ତି ନଦେଲେ ଆଗାମି ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବୁ ବୋଲି କଡା ଚେତାବନୀ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶଶିରେଖା ଭୋଳ, ସୁପ୍ରଭା ଜେନା, ପ୍ରତିମା ସ୍ୱାଇଁ, ଅନ୍ନପୂର୍ଣ୍ଣା ନାୟକ, ନମିତା ମହାନ୍ତି, ଶୁଭଲକ୍ଷ୍ମୀ ସେଣ, ସରସ୍ୱତୀ ରାଉତ, କାବେରୀ ପ୍ରଧାନ, ସିପ୍ରାରାଣୀ ରାଉତ, ସକୁନ୍ତଳା ବେହେରା ଓ ଭାରତୀ ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବକ୍ତବ୍ୟ ପ୍ରଦାନ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray